## ମଦ ଭାଟି ଉପରେ ଚଢ଼ଉ



**କୁଆମରା, ୯ ।୬(ସମିସ):** ବେଆଇନ ମଦ ଭାଟି ଉପରେ ଚଢ଼ଉ କରିଛି ଖୁଣ୍ଟା ଅବକାରୀ ବିଭାଗ। ଖୁଣ୍ଟା ଥାନା ଅନ୍ତର୍ଗତ ବହଳଦା ଗ୍ରାମର ଏକ ନିଛାଟିଆ ସ୍ଥାନରେ ଦେଶୀ ମଦ ଭାଟି ଥିବା ଓ ସେଠାରେ ପ୍ରସ୍ତୁତି ଚାଲିଥିବା ଖବର ପାଇ ଚଢ଼ଉ କରାଯାଇଥିଲା। ତେବେ ଅଭିଯୁକ୍ତ କୌଶଳକ୍ରମେ ଖସି ପଳାଇବାରେ ସମର୍ଥ ହୋଇଥିବାବେଳେ ସେଠାରେ ଥିବା ୨୨୦୦ କେଜି ପୋଚ ନଷ୍ଟ କରାଯାଇଥିବାବେଳେ ୧୮୦ ଲିଟର ଦେଶୀ ମଦ ଓ ବିଭିନ୍ନ ସାମଗ୍ରୀ ଜବତ ହୋଇଛି। ସେହିପରି ତୁଳସୀବଣୀ ଗ୍ରାମର ରାଜୁ ହେମ୍ବ୍ରମ ବେଆଇନ ମଦ ବିକ୍ରି କରୁଥିବାବେଳେ ଧରାପଡ଼ିଥିଲେ। ଅଭିଯୁକ୍ତଠାରୁ ୧୮ ଲିଟର ମଦ ଜବତ ହୋଇଛି। ଏ ନେଇ ପୃଥକ ମାମଲା ରୁଜୁ ହୋଇଛି। ଏଏସ୍ଆଇ କୃଷ୍ଣଚନ୍ଦ୍ର ସେଠୀ, ନିରଞ୍ଜନ ମହାନ୍ତ, କିଶୋର ସୋରେନ, ପାର୍ବତୀ ମାରାଣ୍ଡି ପ୍ରମୁଖ ଚଢ଼ଉରେ ସାମିଲ ଥିଲେ।

## ମାଛ ବ୍ୟବସାୟୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



**ବାରିପଦା, ୯ ।୬(ସମିସ):** ବାରିପଦା ଟାଉନ ଥାନା ଅନ୍ତର୍ଗତ ପୋଡ଼ାଅସ୍ତିଆରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ତାଙ୍କ ନାମ ବାବୁ ଓରଫ କୃଷ୍ଣଚନ୍ଦ୍ର ନାୟକ। ସେ ମଧୁବନ ଖେଳ ପଡ଼ିଆ ପାର୍ଶ୍ୱରେ ମାଛ ବିକ୍ରି କରୁଥିଲେ। ଯୁବକ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। କାରଣ ଜଣାପଡ଼ିନି। ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଯୁବକଙ୍କ ମୃତ୍ୟୁ, ଅଂଶୁଘାତ ସନ୍ଦେହ

**ମୋରଡ଼ା, ୯।୬(ସମିସ):** ପାଞ୍ଚଗୋଛିଆ ଗ୍ରାମର ଶଙ୍କର ଧଣିକଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ନେଇ ସନ୍ଦେହ କରାଯାଉଛି। ସେ ଗତକାଲି ସ୍ଥାନୀୟ ଅଙ୍ଗନବାଡି କେନ୍ଦ୍ର ପଛ ପଟେ ପଡ଼ିଥିବା ଦେଖି ଲୋକେ ଭୟଭୀତ ହୋଇପଡ଼ିଥିଲେ। ତାଙ୍କୁ ଉଠାଇବାକୁ କେହି ଚେଷ୍ଟା କରି ନ ଥିଲେ। ଗ୍ରାମର କିଛି ସହୃଦୟ ବ୍ୟକ୍ତି ତାଙ୍କୁ ଉଦ୍ଧାର କରି କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତାଙ୍କ ଝିଅକୁ ଖବର ଦେଇଥିଲେ। ଗତକାଲି ପ୍ରବଳ ଗ୍ରୀଷ୍ମପ୍ରବାହ ହେଉଥିବାରୁ ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ତାଙ୍କ ପରିବାରକୁ ଅଂଶୁଘାତଜନିତ ସହାୟତା ରାଶି ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ନିଚୁଆପଦା ପ୍ରିମିୟର ଲିଗ୍ ଉଦ୍ଯାପିତ
## ରକି ଏକାଦଶ ଚାମ୍ପିଅନ୍



**ମୋରଡ଼ା, ୯।୬(ସମିସ):** ନିଚୁଆପଦା ଛଉ ପଡ଼ିଆରେ ଚଳିତ ମାସ ୬ ତାରିଖରେ ଆରମ୍ଭ ହୋଇଥିବା ନିଚୁଆପଦା ପ୍ରିମିୟର ଲିଗ୍ ଉଦ୍ଯାପିତ ହୋଇଯାଇଛି। ଉଦ୍ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ପିଆରଏମ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲର ଡାକ୍ତର ଲକ୍ଷ୍ମୀକାନ୍ତ ମହାନ୍ତ, ସମ୍ମାନିତ ଅତିଥି ଭାବେ ସ୍ୱରୂପ ସୋରେନ ଓ ଯୋଗେଶ୍ୱର ମହାନ୍ତ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟରେ ୮ଟି ଦଳକୁ ଭାଗ ନେଇଥିବାବେଳେ ଫାଇନାଲ ମ୍ୟାଚ୍ ଆନବିଟଏବୁଲ ଏକାଦଶ ଓ ରକି ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆନବିଟଏବୁଲ ଏକାଦଶ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଆମନ୍ତ୍ରଣ ପାଇ ରକି ଏକାଦଶ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୦୮ ରନ କରିଥିବାବେଳେ ଜବାବରେ ଆନବିଟଏବୁଲ ଏକାଦଶ ୯୫ ରନରେ ଅଲ୍ଆଉଟ୍ ହୋଇଯାଇଥିଲା। ମୁକେଶ ମହାନ୍ତ ଓ ଶୁଭେନ୍ଦୁ ମହାନ୍ତ ଖେଳ ପରିଚାଳନା କରିଥିଲେ। ଚାମ୍ପିଅନ ଦଳକୁ ୧୪୫ ହଜାର ଟଙ୍କା ଓ ରନର୍ସଅପ ଦଳକୁ ୧୦ ହଜାର ଟଙ୍କା ମୁଖ୍ୟଅତିଥି ପ୍ରଦାନ କରିଥିଲେ। ସଭାପତି ପ୍ରଶାନ୍ତ ମହାନ୍ତ, ଉପସଭାପତି ବଳରାମ ବିନ୍ଧାଣୀ, ସମ୍ପାଦକ ମୁକେଶ ମହାନ୍ତ, ସହସମ୍ପାଦକ ଶୁଭେନ୍ଦୁ ମହାନ୍ତ, ସଦସ୍ୟ ବିକାଶ ରାଜ, ସଞ୍ଜୟ କୁମାର ମହାନ୍ତ, ବାବୁରାମ ମହାନ୍ତ, ସୁକାନ୍ତ ମହାନ୍ତ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

## ଆଚାର୍ଯ୍ୟ ଦେବଙ୍କ ଜନ୍ମୋତ୍ସବ



**ବାରିପଦା, ୯ ।୬(ସମିସ):** ସ୍ଥାନୀୟ ଚିପଟଅସ୍ତିଆସ୍ଥ ପରମପ୍ରେମମୟ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସ୍ଥାନୀୟ ଚିପଟଅସ୍ତିଆସ୍ଥ ବାରିପଦା ସତସଙ୍ଗ ବିହାରରେ ସୋମବାର ଦିନ ଅଧୁନା ଆଚାର୍ଯ୍ୟ ଦେବ ଅର୍କଦ୍ୟୁତି ଚକ୍ରବର୍ତ୍ତୀଙ୍କ ୫୯ତମ ଜନ୍ମୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସହପ୍ରତିଋତ୍ୱିକ ରବୀନ୍ଦ୍ର ନାଥ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବହୁ ଆଲୋଚକ ଶ୍ରୀଶ୍ରୀ ଠାକୁରଙ୍କ ଭାବଧାରା ଓ ଆଚାର୍ଯ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିନତି ପ୍ରାର୍ଥନାନ୍ତେ ଯାଜକ ମହେନ୍ଦ୍ର ସାହୁ ଶ୍ରୀଶ୍ରୀ ଠାକୁରଙ୍କ ଶ୍ରୀହସ୍ତ ଲିଖିତ ସତ୍ୟାନୁ ସରଣଗ୍ରନ୍ଥ ପାଠ କରିଥିଲେ। ସେହିପରି ଅଧ୍ୟର୍ଯ୍ୟୁ କର୍ମୀ ଦୀପକ କୁମାର ଦାସ ନାରୀର ନୀତି ଗ୍ରନ୍ଥ ପାଠ କରିଥିଲେ। ସହପ୍ରତିଋତ୍ୱିକ କାର୍ଯ୍ୟ ମୁକ୍ତିକାନ୍ତ ନାୟକ ଓ ଗୁରୁଭ୍ରାତା ରାଧାକୃଷ୍ଣ ପ୍ରଧାନ ଭଜନ ପରିବେଷଣ କରିଥିଲେ। ଗୁରୁଭ୍ରାତା ଯତୀନ ଦାସ କୋରସ ଗାନ କରିବା ପରେ ସହପ୍ରତିଋତ୍ୱିକ ବିଜ୍ଞାନ ଭୂଷଣ ମହାପାତ୍ର ଉଦଣ୍ଡ କୀର୍ତ୍ତନ ପରିବେଷଣ କରିଥିଲେ। ସତସଙ୍ଗ ବିହାରର ପରିଚାଳକ ସୁବାସ ଚନ୍ଦ୍ର ପାଲ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟର୍ଯ୍ୟୁ କର୍ମୀ ବଟକୃଷ୍ଣ ସାହୁ ଓ ସହପ୍ରତିଋତ୍ୱିକ ଜଗଦୀଶ ସାହୁ ଆଚାର୍ଯ୍ୟ ପରମ୍ପରାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ସହପ୍ରତିଋତ୍ୱିକ୍ ଶଙ୍କର୍ଷଣ ସାହୁ ସମାଜର ସାମ୍ପ୍ରତିକ ସ୍ଥିତିରେ ଶ୍ରୀଶ୍ରୀ ଠାକୁରଙ୍କ ଭାବାଦର୍ଶର ପ୍ରୟୋଗାତ୍ମକ ଦିଗ ଓ ଆଚାର୍ଯ୍ୟାନୁସରଣର ଗୁରୁତ୍ୱ ସମ୍ବନ୍ଧରେ ଆଲୋଚନା ରଖିଥିଲେ। ସାମ୍ପ୍ରତିକ ବସ୍ତୁବାଦୀ ନୈତିକ ଅଧୋପତିତ ସମାଜକୁ ଶ୍ରୀଶ୍ରୀ ଠାକୁରଙ୍କ ଭାବଧାରାର ଅନୁଶୀଳନ ରକ୍ଷା କରିପାରିବ ବୋଲି ସେ ଦୃଢ଼ମତ ପୋଷଣ କରିଥିଲେ।

## ମନ୍ତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରି ପୂଜାର୍ଚ୍ଚନା

**ମୋରଡ଼ା, ୯।୬(ସମିସ):** ମୋରଡା ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଅସୁସ୍ଥ ହେବାରୁ ଗତକାଲି ମେଡିକାଲରେ ଭର୍ତ୍ତି ହୋଇ ଚିକିତ୍ସାଧୀନ ଅବସ୍ଥାରେ ଥିବାବେଳେ ଆଜି ମୋରଡା ବ୍ଲକ ଅଧୀନ ଚିତ୍ରଡା ମଣ୍ଡଳ ବିଜେପି ନେତା ଜଗଦୀଶ ସାହୁ ଓ ରାକେଶ ଦାସଙ୍କ ନେତୃତ୍ୱରେ ବିଜେପି କର୍ମୀ ସ୍ଥାନୀୟ ଚିତ୍ରଡା ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ମନ୍ତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଆଜି ପୂର୍ବାହ୍ନ ୯ଟା ସମୟରେ ବିଜେପି କର୍ମୀ ଏକତ୍ରିତ ହୋଇ ଜଗନ୍ନାଥ ମନ୍ଦିର ଯାଇ ପୂଜା କରିଥିଲେ। ମନ୍ଦିର ଚତୁଃପାର୍ଶ୍ୱରେ ଥିବା ବିଭିନ୍ନ ବିଭିନ୍ନ ଦେବାଦେବୀଙ୍କ ନିକଟରେ ଧୂପଦୀପ ଲଗାଇଥିଲେ। ସେହିପରି ରାସଗୋବିନ୍ଦପୁର ବ୍ଲକରେ ମଧ୍ୟ ମନ୍ତ୍ରୀଙ୍କ ପାଇଁ କର୍ମୀ ଏକତ୍ରିତ ହୋଇ ପୂଜା କରିଛନ୍ତି।

### ପ୍ରଶାସନିକ ଅବ୍ୟବସ୍ଥା ଓ ଦୁର୍ନୀତି ଅଭିଯୋଗ
# ବାରିପଦା ବିଡିଓଙ୍କ ବିରୋଧରେ ସ୍ୱର ଉତ୍ତୋଳନ କଲା ବିଜେଡି

ବାରିପଦା, ୯।୬(ସମିସ)



ବାରିପଦା ସଦର ବ୍ଲକରେ ଚାଲିଥିବା ପ୍ରଶାସନିକ ଅବ୍ୟବସ୍ଥା, ଜନପ୍ରତିନିଧିଙ୍କ ପ୍ରତି ଅସହଯୋଗୀ ମନୋଭାବ ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି ଓ ଅନିୟମିତତା ଅଭିଯୋଗକୁ ନେଇ ବାରିପଦା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବତନ ଉପବାଚସ୍ପତି ତଥା ବିଜେଡିର ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ସାନନ୍ଦ ମାରାଣ୍ଡିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ବାରିପଦା ବ୍ଲକ ବିଡିଓଙ୍କ ବିରୋଧରେ ଉଠିଥିବା ବିଭିନ୍ନ ଅଭିଯୋଗର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବାରିପଦା ବ୍ଲକରେ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନରେ ସ୍ୱଚ୍ଛତାର ଅଭାବ ରହିଥିବାବେଳେ ପଞ୍ଚାୟତ ସମିତି ସଦସ୍ୟ, ସରପଞ୍ଚ ଓ ବ୍ଲକ ଅଧ୍ୟକ୍ଷଙ୍କ ଜନପ୍ରତିନିଧିଙ୍କ ମତାମତକୁ ଗୁରୁତ୍ୱ ଦିଆଯାଉନାହିଁ। ଅନେକ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା, ନିୟମ ଉଲ୍ଲଙ୍ଘନ ଓ ପ୍ରଶାସନିକ ଦୁର୍ବଳତା ଯୋଗୁଁ ସାଧାରଣ ଜନତା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାଦ୍ୱାରା ବ୍ଲକର ବିକାଶ ପ୍ରକ୍ରିୟା ପ୍ରଭାବିତ ହେବା ସହ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଉଛି। ଏ ଅବସରରେ ସାନନ୍ଦ ମାରାଣ୍ଡି କହିଛନ୍ତି, ବାରିପଦା ବ୍ଲକରେ ଚାଲିଥିବା ଅନିୟମିତତା ଓ ନିମ୍ନମାନର କାମ ଓ ଜନସ୍ୱାର୍ଥ ବିରୋଧୀ କାର୍ଯ୍ୟକଳାପକୁ ଆଉ ସହ୍ୟ କରାଯିବନାହିଁ। ବ୍ଲକ ଅଧ୍ୟକ୍ଷ ସୁନ୍ଦର ସିଂଙ୍କ ଅଭିଯୋଗ ଅନୁସାରେ ନିର୍ବାଚିତ ପ୍ରତିନିଧିଙ୍କୁ ଗୁରୁତ୍ୱ ନ ଦେଇ କେବଳ ସୋସିଆଲ ମିଡ଼ିଆରେ ମିଛ ପ୍ରଚାର ପ୍ରସାରରେ ବ୍ୟସ୍ତ ଅଛନ୍ତି ବିଡିଓ ଓ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ପରିବର୍ତ୍ତେ ପ୍ରଶାସନ ନିଜ ଦାୟିତ୍ୱରୁ ଦୂରେଇ ରହୁଥିବା ଅଭିଯୋଗ କରି ସେ ଜିଲ୍ଲା ପ୍ରଶାସନଙ୍କ ତୁରନ୍ତ ହସ୍ତକ୍ଷେପ ଦାବି କରିଥିଲେ। ବିଜେଡି ପକ୍ଷରୁ ବାରିପଦା ବ୍ଲକ ବିଡିଓଙ୍କ ବିରୋଧରେ ଆସିଥିବା ଅଭିଯୋଗର ୭ ଦିନ ମଧ୍ୟରେ ନିରପେକ୍ଷ ତଦନ୍ତ କରି ଦୃଢ଼ ପଦକ୍ଷେପ ନେବାକୁ ଦାବି କରାଯାଇଛି। ନଚେତ୍ ବିଜୁ ଜନତା ଦଳ ଜନସାଧାରଣଙ୍କୁ ସାଙ୍ଗରେ ନେଇ ବାରିପଦା ବ୍ଲକ କାର୍ଯ୍ୟାଳୟ ଘେରଉ କରିବା ସହ ଦୁର୍ବାର ଗଣଆନ୍ଦୋଳନ ଆରମ୍ଭ କରିବ ବୋଲି ସାନନ୍ଦ ମାରାଣ୍ଡି କଡ଼ା ଚେତାବନୀ ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ବିଜୁ ଜନତା ଦଳ ରାଜ୍ୟ ସମ୍ପାଦକ ଜିତେନ୍ଦ୍ର ମହାନ୍ତି, ବାରିପଦା ବ୍ଲକ ଅଧ୍ୟକ୍ଷ ସୁନ୍ଦର ସିଂ, ବରିଷ୍ଠ ନେତା ପ୍ରଭାତ ନାୟକ, ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟ ଓ ପିଆରଆଇ ମେମ୍ବର, ସରପଞ୍ଚଙ୍କ ସହିତ ବିଜୁ ଜନତା ଦଳ ବାରିପଦା ବ୍ଲକ ସଭାପତି ସୁଜିତ ମହାନ୍ତ, ବରିଷ୍ଠ ନେତା ବୈଦ୍ୟନାଥ ସାହୁ, ଦିଲ୍ଲୀପ ପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷା ପାର୍ବତୀ ହେମ୍ବ୍ରମ, ଖଦି ବୋର୍ଡର ପ୍ରାକ୍ତନ ସଦସ୍ୟ ସରୋଜ ବୋଷ, ରବି ସିଂ, ଜିଲ୍ଲା ଛାତ୍ର ସଭାପତି ସୁନୀଲ ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ଯୁବ ଜନତା ରାଜୀବ ପାତ୍ର, ବାରିପଦା ନିର୍ବାଚନମଣ୍ଡଳୀ ଛାତ୍ର ସଭାପତି ଆଭାସ ଦେ, ରାଜ୍ୟ ସାଧାରଣ ସମ୍ପାଦକ ଜିତ ପଟ୍ଟନାୟକ, ପୂର୍ବତନ ଛାତ୍ର ସଭାପତି ଅଭୟ ସିଂ, ସମ୍ପାଦକ ତରୁଣ ନାୟକ, ମନବୋଧ ନାୟକ, କିଟୁ ସିଂ, ଜଗନ୍ନାଥ ବେସ୍ରା, ମନ୍ମଥ ମହାନ୍ତ, କୃଷ୍ଣ କୁମାର ଟୁଡ୍ଡୁ, ରେଙ୍ଗ ମହାନ୍ତ, ଗଣେଶ ନାୟକ, ସାଲାଇ ମାରାଣ୍ଡି, ନିରଞ୍ଜନ ନାୟକ, ବିଶ୍ୱନାଥ ଟୁଡ୍ଡୁ, ପ୍ରସନ୍ନ ଦେହୁରୀ, ବାବାଜୀ ନାୟକ, ରେପ ମୁର୍ମୁ, ରବି ସିଂ, ଲାବଣ୍ୟବତୀ ମହାନ୍ତ, ରୀନା ଦେହୁରୀ, ମୁନି ସିଂ, ମମତା ସେଠୀ, ସୁହାଗି ମୁର୍ମୁ ସମେତ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ଚାକିରି ନିୟମିତ ଦାବିରେ ମାଟ୍ରନ ସଂଘର ବିକ୍ଷୋଭ

**ବାରିପଦା, ୯ ।୬(ସମିସ):** ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସରକାରୀ ହଷ୍ଟେଲ ଓ ସେବାଶ୍ରମରେ କାର୍ଯ୍ୟରତ ଲେଡି ମାଟ୍ରନ ଚାକିରି ସ୍ଥାୟୀକରଣ ସହ ବିଭିନ୍ନ ନ୍ୟାର୍ଯ୍ୟ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ନିଖିଳ ଓଡ଼ିଶା ଲେଡି ମାଟ୍ରନ ସଂଘ ଜିଲ୍ଲା ଶାଖା ପକ୍ଷରୁ ଏକ ବିଶାଳ ପ୍ରତିବାଦ ରାଲି ମଙ୍ଗଳବାର ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ (ଡିଡବ୍ଲୁଓ) କାର୍ଯ୍ୟାଳୟଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା। ଏଠାରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀ ଓ ଏସଟି-ଏସସି ବିଭାଗ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।




ସେମାନଙ୍କ ଦାବି ମୁତାବକ, ବିଗତ ୧୦ ବର୍ଷରୁ ଅଧିକ ସମୟ ଧରି ସେବା ଯୋଗାଉଥିଲେ ସୁଦ୍ଧା ଚାକିରି ସ୍ଥାୟୀ କରାଯାଉନାହିଁ। ଦିନରାତି ୨୪ ଘଣ୍ଟା ଡ୍ୟୁଟି ଓ ବର୍ଷକୁ ମାତ୍ର ୧୫ଟି ଛୁଟି ମିଳୁଥିବାବେଳେ ୧୫, ୦୦୦ ଟଙ୍କା ଦରମାରେ ପରିବାର ଚଳାଇବା କଷ୍ଟକର ହେଉଛି। ନିର୍ଦ୍ଦିଷ୍ଟ ଜବ୍ ଚାର୍ଟ ବାହାରେ ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ବାଧ୍ୟ କରାଯାଉଛି। ପ୍ରତିବାଦ କଲେ ଅଧିକାରୀ ନାଲିଆଖି ଦେଖାଉଛନ୍ତି। ହଷ୍ଟେଲରେ କୌଣସି ପ୍ରକାର ସମସ୍ୟା ବା ଦେହ ଖରାପଜନିତ ଅଘଟଣ ଘଟିଲେ କେବଳ ମାଟ୍ରନଙ୍କୁ ଦାୟୀ କରି ଚାକିରିରୁ ବହିଷ୍କାର କରାଯାଉଛି। ଯାହା ତୁରନ୍ତ ବନ୍ଦ ହେବା ଆବଶ୍ୟକ। ଏ ନେଇ ସଂଘର ଜିଲ୍ଲା ସଭାନେତ୍ରୀ ଅସୀମା ଭାରତୀ ସିଂ ଓ ଉପସଭାନେତ୍ରୀ ମଞ୍ଜୁଲତା ମହାନ୍ତି କହିଛନ୍ତି, ରାତି ସମୟରେ ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟା ହେଲେ ତୁରନ୍ତ ନିଷ୍ପତ୍ତି ନେବା ପାଇଁ ସେମାନଙ୍କୁ ମେଡିକାଲ ସୁବିଧା ଓ ସ୍ୱତନ୍ତ୍ର କ୍ଷମତା ଦିଆଯାଉ। ଯଦି ସରକାର ଏହି ଦାବି ପ୍ରତି କର୍ଣ୍ଣପାତ ନ କରନ୍ତି, ତେବେ ଆଗାମୀ ଦିନରେ ସମଗ୍ର ଓଡ଼ିଶାର ଶତାଧିକ ମାଟ୍ରନ ହଷ୍ଟେଲ କାର୍ଯ୍ୟ ବନ୍ଦ କରି ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ମହାଆନ୍ଦୋଳନ କରିବେ ବୋଲି ସଂଘ ଚେତାବନୀ ଦେଇଛି।

### ଥାନାବାବୁ ନାବାଳିକାଙ୍କୁ ଧମକ ଦେବା ଅଭିଯୋଗ
## ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା

**ମୋରଡ଼ା, ୯।୬(ସମିସ):** ଓଡ଼ିଶା ପୁଲିସ ଜୁଭେନଟିକା ନାମରେ ଗତ କିଛିଦିନ ତଳେ ନାବାଳିକାମାନେ କିପରି ଥାନାକୁ ଆସି ନିର୍ଭୟରେ ଅଭିଯୋଗ କରିପାରିବେ, ସେଥିପାଇଁ କାର୍ଯ୍ୟକ୍ରମ ମାଧ୍ୟମରେ ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ସମସ୍ତ ଥାନାରେ ଆଭାସି ମାଧ୍ୟମରେ ପୁଲିସ ଡିଜି ସଚେତନ କରାଇଥିଲେ। ତେବେ ଉକ୍ତ କାର୍ଯ୍ୟକ୍ରମର ଧଜିଆ ଉଡ଼ାଇଛନ୍ତି ମୋରଡା ଥାନା ଅଧିକାରୀ ସୁମିତ କୁମାର ସରେନ। ସେ ନିଜ ପଦର ଅପବ୍ୟବହାର କରିବା ସହ ପାୱାରର ଦୁରୁପଯୋଗ କରିଥିବା ନେଇ ଜଣେ ପୀଡିତା ବାରମ୍ବାର ସମସ୍ତଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ନ୍ୟାୟ ମିଳି ନ ଥିବା ଅଭିଯୋଗ କରିଛନ୍ତି। ଶେଷରେ ବାଧ୍ୟ ହୋଇ ପୀଡ଼ିତା ଜାତୀୟ ମାନବାଧିକାର କମିଶନ ଓ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡ଼ିଛି। ନ୍ୟାସନାଲ ହ୍ୟୁମାନ ରାଇଟ୍ସ କମିଶନଙ୍କ ଡାଏରି ନମ୍ବର ୧୨୩୦୩/ ଆଇଏନ/୨୦୨୬ ଓ ଷ୍ଟେଟ ହ୍ୟୁମାନ ରାଇଟ୍ସ କମିଶନଙ୍କ ଡାଏରି ନମ୍ବର ୩୫୧/ ଆଇଏନ/୨୦୨୬ ଲିଖିତ ଅଭିଯୋଗ ମୁତାବକ ପୀଡ଼ିତା ନାବାଳିକା ଜଣେ ଯୁବକ ତାଙ୍କୁ ବାରମ୍ବାର ହଇରାଣ କରୁଥିବାବେଳେ ସେ ଶେଷରେ ବାଧ୍ୟ ହୋଇ ନିଜ ବାପାମାଆଙ୍କ ସହିତ ଥାନାକୁ ଅଭିଯୋଗ କରିବା ପାଇଁ ମେ ୧୬ ତାରିଖ ସନ୍ଧ୍ୟାରେ ଯାଇଥିଲେ। ଥାନା ଅଧିକାରୀ ତାଙ୍କୁ ନ୍ୟାୟ ଦେବା ବଦଳରେ ଅଭିଯୁକ୍ତ ଓ ରାଜନେତାଙ୍କ ସମ୍ମୁଖରେ କୌଣସି ମହିଳା ପୁଲିସ କିମ୍ବା ପିତାମାତାଙ୍କ ଅନୁପସ୍ଥିତରେ ଧମକ ଦେଇ କେଶ ନ କରିବା ପାଇଁ କହିଥିଲେ ଓ ଯଦି କେଶ କର, ତେବେ ତୁମକୁ ୭ ବର୍ଷ ଜେଲ ପଠାଇଦେବି କହିବାରୁ ନାବାଳିକା ଜଣକ ତାଙ୍କ ବାପାଙ୍କୁ ଆସି ସମସ୍ତ ଘଟଣା କହି ଚେତାଶୂନ୍ୟ ହୋଇଥିବା ସେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ତେବେ ସେ ଆଗାମୀ ଦିନରେ ନ୍ୟାୟ ନ ମିଳିଲେ କୋର୍ଟର ଦ୍ୱାରସ୍ଥ ହେବା କଥା ପ୍ରକାଶ କରିଛନ୍ତି।

## ସହିଦ ବିର୍ସା ମୁଣ୍ଡାଙ୍କ ୧୨୬ତମ ତିରୋଧାନ ଦିବସ

**ଖିଚିଂ, ୯ ।୬(ସମିସ):** ଶୁକ୍ରୁଲି ବ୍ଲକର ବିଭିନ୍ନ ଗ୍ରାମରେ ଏସ୍ୟୁସିଆଇ (କମ୍ୟୁନିଷ୍ଟ) ପାର୍ଟି ସହଭାଗିତାରେ ସହିଦ ବିର୍ସା ମୁଣ୍ଡାଙ୍କ ୧୨୬ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଆଜି ପ୍ରଭାତରେ ଭାଲିଆଡ଼ିହା ଗ୍ରାମରେ ଶତାଧିକ ପୁରୁଷ, ମହିଳା ଓ ପିଲାଙ୍କ ଉପସ୍ଥିତିରେ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ଗ୍ରାମର ବିଶିଷ୍ଟ ବ୍ୟକ୍ତି ତଥା ତେରେଣ୍ଟି ପଞ୍ଚାୟତର ସରପଞ୍ଚ ଚନ୍ଦ୍ରମୋହନ ହେମ୍ବ୍ରମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏସୟୁସିଆଇର ରାଜ୍ୟ କମିଟି ସଦସ୍ୟ ରାଜେନ୍ଦ୍ର ବର୍ମା ମୁଖ୍ୟବକ୍ତା ଭାବେ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ସଂଗ୍ରାମୀ ଜୀବନ ସମ୍ପର୍କରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ଆଜି ଯେପରି ଭାବେ ଗରୀବ ଆଦିବାସୀ ଜଙ୍ଗଲ ଓ ପ୍ରକୃତି ଉପରେ ନିର୍ଭର କରି ଜୀବନ ଜିଉଥିବା ମଣିଷଙ୍କ ସ୍ୱାର୍ଥକୁ ବଳି ଦେଇ କର୍ପୋରେଟଙ୍କ ହାତରେ ଜଙ୍ଗଲ, ଖଣି, ପାଣି ଇତ୍ୟାଦିକୁ ଟେକି ଦିଆଯାଉଛି ତାହା ବିରୋଧରେ ଚାଲିଥିବା ସଂଗ୍ରାମକୁ ଶକ୍ତିଶାଳୀ କରିବାକୁ ବିର୍ସା ମୁଣ୍ଡାଙ୍କ ଜୀବନରୁ ଶିକ୍ଷା ନେବାକୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳର ବରିଷ୍ଠ ସଦସ୍ୟ ଦୁଲାଲ ମହାକୁଡ, ଭୀମ ତାଇସମ୍, ମୋଚିରାମ୍ ନାଏକ, ମଞ୍ଜୁ ନାଏକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅପରାହ୍ନରେ ହାତିବନ୍ଧାଠାରେ ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସଂଗଠକ ମନୋରଞ୍ଜନ ତିରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଏସୟୁସିଆଇର ରାଜ୍ୟ କମିଟି ସଦସ୍ୟ ରାଜେନ୍ଦ୍ର ବର୍ମା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟତମ ବକ୍ତା ଭାବେ ଗ୍ରାମର ବୁଦ୍ଧିଜୀବୀ ରାହୁଲ ତିରିଆ ଓ ଏସ୍ୟୁସିଆଇର ସ୍ଥାନୀୟ ସଂଗଠକ କନ୍ଦର୍ପ ବେହେରା, ଦୁଲାଲ ମହାକୁଡ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।




## ୩ ବର୍ଷ ପରେ ଖୋଲିଲା ଖିଚିଂ ସଂଗ୍ରହାଳୟ

**ଖିଚିଂ, ୯।୬(ସମିସ):** ମୟୂରଭଞ୍ଜ ଜିଲ୍ଲାର ପ୍ରମୁଖ ଆଧ୍ୟାତ୍ମିକ ପୀଠ ଖିଚିଂସ୍ଥ ଅଧିଷ୍ଠାତ୍ରୀ ଦେବୀ ମା' କିଚକେଶ୍ୱରୀଙ୍କ ମନ୍ଦିର ବେଢ଼ାରେ ଅବସ୍ଥିତ ଜିଲ୍ଲା ତଥା ରାଜ୍ୟର ଦ୍ୱିତୀୟ ପୁରାତନ ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟ ୪ ତାରିଖରୁ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଖୋଲାଯାଇଛି। '୫-ଟି' ଯୋଜନାରେ ଏହି ଶତାୟୁ ସଂଗ୍ରହାଳୟର ଆବଶ୍ୟକୀୟ ମରାମତି ଓ ପୁନରୁଦ୍ଧାର ନିମନ୍ତେ ୧, ୧୪, ୩୫୦୦୦ ଟଙ୍କା ବ୍ୟୟ ଅଟକଳରେ ୨୦୨୩-୨୪ରୁ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରକଳ୍ପ କାର୍ଯ୍ୟ ଆଳରେ ଅହେତୁକ ବିଳମ୍ବ ଯୋଗୁଁ ଦୀର୍ଘଦିନ ମ୍ୟୁଜିୟମ୍ ବନ୍ଦ ରହିଥିବାରୁ ପ୍ରତିଦିନ ଶହ ଶହ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଏଥିରେ ସଂରକ୍ଷିତ କଳା ମୁଗୁନି ପ୍ରସ୍ତରରେ ନିର୍ମିତ ବିଭିନ୍ନ ଦେବଦେବୀ ପ୍ରତୀମା, କାରୁକାର୍ଯ୍ୟ ବିମଣ୍ଡିତ ପ୍ରସ୍ତର ଖଣ୍ଡ, ପ୍ରବେଶ ଦ୍ୱାର, ମନ୍ଦିରର ଖଣ୍ଡିତ ଅଂଶ ସମେତ ଭଞ୍ଜ ରାଜା ମହାରାଜାଙ୍କ ପ୍ରଦତ୍ତ ତାମ୍ରପଟ୍ଟା, ମୃଣ୍ମୟ ପାତ୍ର, ପ୍ରାଗ ଐତିହାସିକ ଯୁଗର ଅସ୍ତ୍ରଶସ୍ତ୍ର ଆଦି ପରିଦର୍ଶନରୁ ବଞ୍ଚିତ ହୋଇଆସୁଥିଲେ। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗର ଉଦାସୀନତା ଯୋଗୁଁ ମ୍ୟୁଜିୟମର ସୁପରିଚାଳନା ପାଇଁ ଦଶନ୍ଧି ଦଶନ୍ଧି ଧରି ଖାଲିଥିବା ପଦବୀ ପୂରଣ କରା ନ ଯାଇ ମାତ୍ର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ (ରାତ୍ର ଜଗୁଆଳୀ)ଙ୍କ ହସ୍ତରେ ଏହାର ସମସ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଥିବାରୁ ବୁଦ୍ଧିଜୀବୀ ମହଲରେ ଗଭୀର ଉଦବେଗ ପ୍ରକାଶ ପାଇଛି।




### ଉଦ୍ୟୋଗ ଓ ଖଣି ମାଲିକ ପମ୍ପରୁ ନେଉଛନ୍ତି ତେଲ
# ସୃଷ୍ଟି ହେଉଛି ତେଲର କୃତ୍ରିମ ଅଭାବ

ରାଇରଙ୍ଗପୁର, ୯।୬(ସମିସ)



- ଅଧିକ ଲାଭ ପାଇଁ ସିଧାସଳଖ କମ୍ପାନୀରୁ ତେଲ ନ ଆଣି ପମ୍ପରୁ ନେଉଛନ୍ତି
- ରାଇରଙ୍ଗପୁରର ବିଭିନ୍ନ ପମ୍ପରେ ତେଲ ପାଇଁ ଲମ୍ବା ଲାଇନ୍
- ଉଦ୍ୟୋଗ ଓ ଖଣି ମାଲିକଙ୍କ ସହ ପେଟ୍ରୋଲ ପମ୍ପର ମଧୁଚନ୍ଦ୍ରିକା ପ୍ରମୁଖ କାରଣ
- ଲୋକଙ୍କୁ ମିଳୁନି ପର୍ଯ୍ୟାପ୍ତ ପେଟ୍ରୋଲ ଓ ଡିଜେଲ

ପେଟ୍ରୋଲ ଓ ଡିଜେଲ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ଥିବା ନେଇ ସରକାରୀ ସ୍ତରରେ କୁହାଯାଉଥିବାବେଳେ ରାଇରଙ୍ଗପୁର କୃତ୍ରିମ ତେଲ ଅଭାବ ପରିସ୍ଥିତି ସୃଷ୍ଟି କରାଯାଉଛି। ଯାହାକୁ ନେଇ ରାଇରଙ୍ଗପୁର ସହରର ବିଭିନ୍ନ ପମ୍ପରେ ତେଲ ପାଇଁ ଲମ୍ବା ଲାଇନ ଦେଖିବାକୁ ମିଳୁଛି। ପେଟ୍ରୋଲ ଓ ଡିଜେଲ ଦରଦାମ ବୃଦ୍ଧି ପାଇବା ପରେ ମଧ୍ୟ ରାଇରଙ୍ଗପୁର ସହରରେ ବିଭିନ୍ନ ପମ୍ପରେ ତେଲ ପାଇଁ ଲୋକମାନେ ଧନ୍ଦୀ ହେଉଛନ୍ତି। ବାମନଘାଟି ଉପଖଣ୍ଡର ବଡ଼ ଉଦ୍ୟୋଗ ଓ ଖଣି ଖାଦାନ ମାଲିକଙ୍କ ସହ ପେଟ୍ରୋଲ ପମ୍ପର ମଧୁଚନ୍ଦ୍ରିକା ଏହାର ପ୍ରମୁଖ କାରଣ ସାଜିଛି।

ରାଇରଙ୍ଗପୁରରେ ଗତ ଦୁଇଦିନ ଧରି ବିଭିନ୍ନ ପମ୍ପରେ ପେଟ୍ରୋଲ ସମେତ ମୁଖ୍ୟତଃ ଡିଜେଲର ଅଭାବ ପରିଲକ୍ଷିତ ହୋଇଥିଲା। ଅନେକ ଲୋକ ତେଲ ନ ପାଇ ପମ୍ପରୁ ଫେରିଥିଲେ। ତେବେ ମଙ୍ଗଳବାର ସକାଳୁ ପମ୍ପରେ ତେଲ ଥିବା ଖବର ପାଇ ଅଧିକାଂଶ ପେଟ୍ରୋଲ ପମ୍ପରେ ସକାଳୁ ଲମ୍ବା ଲାଇନ ଲଗାଇଥିଲେ। ତେଲ ପାଇଁ ପମ୍ପ ସମେତ ରାସ୍ତାରେ ମଧ୍ୟ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଦୁଇଦିନ ପମ୍ପରେ ତେଲ ମିଳୁ ନ ଥିଲା, ଯାହାକୁ ନେଇ ଲୋକେ ବିଶେଷ କରି ଚାଷୀ, ବ୍ୟାବସାୟିକ ଯାନ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେଲ ସଙ୍କଟ ନେଇ ଫାଇଦା ପାଇଁ ଯୋଜନା କରାଯାଇଛି। ରାଇରଙ୍ଗପୁରର ପମ୍ପମାନଙ୍କରୁ ଉଦ୍ୟୋଗ ଓ ଖଣି ଖାଦାନ ମାଲିକ ଅଧିକ ପରିମାଣ ତେଲ ନେଉଛନ୍ତି। ଫଳରେ ପେଟ୍ରୋଲ ଓ ଡିଜେଲର କୃତ୍ରିମ ଅଭାବ ସୃଷ୍ଟି ହୋଇ ଲୋକଙ୍କୁ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ ଓ ଡିଜେଲ ମିଳୁନାହିଁ। ନିୟମ ଅନୁଯାୟୀ ବାମନଘାଟି ଉପଖଣ୍ଡରେ ଥିବା ମାଇନ୍ସ, ଉଦ୍ୟୋଗ, କ୍ରସର, ଖଣି ଖାଦାନ ଚଳାଇବା ନିମନ୍ତେ ପ୍ରଚୁର ପରିମାଣର ତେଲର ନିୟମିତ ଆବଶ୍ୟକତା ପଡ଼ିଥାଏ। ଯାହାକୁ ନେଇ ସେମାନେ ସିଧାସଳଖ ତେଲ କମ୍ପାନୀରୁ ନିଜସ୍ୱ ଟ୍ୟାଙ୍କର ଯୋଗେ ତେଲ ଆଣିପାରିବେ। ବ୍ୟବସାୟିକ କାର୍ଯ୍ୟ ପାଇଁ ବ୍ୟବହାର ହେଉଥିବା ଯୋଗୁଁ ତାଙ୍କୁ ଲିଟର ପିଛା ଅଧିକ ଟଙ୍କା ପଡ଼ିଥାଏ। କିନ୍ତୁ ଉକ୍ତ ଉଦ୍ୟୋଗପତି ଅଧିକ ମୁନାଫା ପାଇଁ ପମ୍ପ ମାଲିକଙ୍କ ସହ ମିଶି ଅନେକ ପରିମାଣର ତେଲ ନେଉଛନ୍ତି। ଉଦ୍ୟୋଗ ଓ ଖଣି ମାଲିକଙ୍କ ସହ ପେଟ୍ରୋଲ ପମ୍ପର ମଧୁଚନ୍ଦ୍ରିକା ଯୋଗୁଁ କୃତ୍ରିମ ତେଲ ଅଭାବ ପରିସ୍ଥିତି ସୃଷ୍ଟି କରାଯାଇଛି। ରାତିରେ ବଡ଼ ଟ୍ୟାଙ୍କର ଯୋଗେ ଉଦ୍ୟୋଗପତି ଓ ଖଣି ଖାଦାନ ମାଲିକ ତେଲ ନେଉଥିବାବେଳେ ପମ୍ପରୁ ତେଲ ସରିଯାଉଛି। ଫଳରେ ସକାଳୁ ଲୋକେ ଗାଡ଼ିରେ ତେଲ ପକାଇବାକୁ ପାଉନାହାନ୍ତି। କୃଷି କାର୍ଯ୍ୟ ସମେତ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ ପାଇଁ ବ୍ୟବହୃତ ଟ୍ରାକ୍ଟର, ଟ୍ରେଲର, ହଳ ମେସିନ, ଜେସିବି ଆଦି ପାଇଁ ତେଲ ରହୁନାହିଁ। ୨/୩ ଦିନରେ ଥରେ ତେଲ ମିଳିବା ଯୋଗୁଁ ଅନେକ ଲୋକ ତେଲ ଅଭାବ ସନ୍ଦେହ କରି ବଡ ବଡ଼ ଜାରକିନ ଧରି ଲାଇନ୍ ଲଗାଇ ତେଲ ନେଉଥିବା ଦେଖିବାକୁ ମିଳିଛି। ତେଲ ଅଭାବ ନ ଥିବା ସରକାର କହୁଥିବାବେଳେ ପମ୍ପ ମାଲିକ ଓ ଉଦ୍ୟୋଗପତିଙ୍କ ସଲାସୁତୁରା ପାଇଁ ଲୋକେ ତେଲ ନ ପାଇ ଅସନ୍ତୋଷ ପ୍ରକାଶ କରୁଛନ୍ତି। ପେଟ୍ରୋଲ ଓ ଡିଜେଲ ସଙ୍କଟ ନେଇ ତେଲ ପକାଇବା ପାଇଁ ଜନସାଧାରଣ ପମ୍ପରେ ଲମ୍ବା ଲାଇନ ଲଗାଇଛନ୍ତି। ତେବେ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ ଓ ଡିଜେଲ ମହଜୁଦ ଥିବା ନେଇ ସରକାରୀ ସ୍ତରରେ ବୟାନ ବାଜି ଲାଗିଥିବାବେଳେ ଅଭାବୀ ବିକ୍ରି ନେଇ ଯୋଜନା ଆରମ୍ଭ ହୋଇଛି। ଏ ନେଇ ଜିଲ୍ଲା ପ୍ରଶାସନ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଚଢ଼ଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ଅଟେ।

# ଲୁଟ୍ ଘଟଣାର ପର୍ଦ୍ଦାଫାସ: ୬ ଅଭିଯୁକ୍ତ ଗିରଫ



ଚମ୍ପୁଆ, ୯।୬(ସମିସ): ଚମ୍ପୁଆ ଥାନା କୋଦଗାଡ଼ିଆ ଗ୍ରାମରେ ଘଟିଥିବା ଲୁଟ୍ ଘଟଣାର ପର୍ଦ୍ଦାଫାସ କରିଛି ଚମ୍ପୁଆ ପୁଲିସ। ପୁଲିସ ଝାଡ଼ଖଣ୍ଡର ମଝିଗାଁ ଅଞ୍ଚଳରୁ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗତ ୧୦ ମେ ୨୦୨୬ ତାରିଖରେ ଶୁଭେନ୍ଦୁ ମହାନ୍ତଙ୍କ ପରିବାର ଘରେ ନଥିବା ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ପ୍ରବେଶ କରିଥିଲେ। ପରେ ଘରେ ଥିବା ସୁନା ଅଳଙ୍କାର ସମେତ ମୂଲ୍ୟବାନ ସାମଗ୍ରୀ ଲୁଟି ନେଇଥିଲେ। ଏ ନେଇ ଶୁଭେନ୍ଦୁ ମହାନ୍ତ ଚମ୍ପୁଆ ଥାନାରେ ଅଭିଯୋଗ କରିବା ପରେ ଚମ୍ପୁଆ ଥାନାରେ କେସ୍ ନଂ-୧୬୯/୨୬ ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ଏସ୍‌ଡିପିଓ ରଶ୍ମୀରଞ୍ଜନ ସାହୁଙ୍କ ନେତୃତ୍ୱରେ ଏବଂ ଆଇଆଇସି ସରୂପ ରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ପୁଲିସ ଦଳ ଗଠନ କରାଯାଇଥିଲା। ଦୀର୍ଘ ତଦନ୍ତ ଓ ଗୁପ୍ତ ସୂଚନା ଆଧାରରେ ପୁଲିସ ଝାଡ଼ଖଣ୍ଡର ମଝିଗାଁ ଅଞ୍ଚଳରେ ଚଢ଼ଉ କରି ଏମ୍‌ଡି ରାହାତ, ଏମ୍‌ଡି ଆଜାଦ, ମହମ୍ମଦ ହୁସେନ, ଏମ୍‌ଡି ଅମିନୁଲ, ସଲିମ ଓ ଏମ୍‌ଡି ତମିଜଙ୍କୁ ଗିରଫ କରିଛି। ପୁଲିସ ଗିରଫ ଅଭିଯୁକ୍ତମାନଙ୍କୁ ପଚରାଉଚରା ଜାରି ରଖିଥିବା ବେଳେ ଚୋରି ହୋଇଥିବା ସାମଗ୍ରୀ ଉଦ୍ଧାର ଏବଂ ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ, ସେ ନେଇ ଅଧିକ ତଦନ୍ତ ଚାଲିଥିବା ଜଣାପଡ଼ିଛି। ଚମ୍ପୁଆ ପୁଲିସର ଏହି ଦ୍ରୁତ ଓ ସଫଳ କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଉଛି।

# ପ୍ରସ୍ତାବିତ ମେଗା ଷ୍ଟିଲପ୍ଲାଣ୍ଟ ପାଇଁ କୋଡ଼ଖମଣରେ ଆଜି ୯ମ ଗ୍ରାମସଭା

ତୁରୁମୁଙ୍ଗା, ୯।୬(ସମିସ): କେନ୍ଦୁଝର ଜିଲ୍ଲାରେ ପ୍ରସ୍ତାବିତ ମେଗାଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଆସନ୍ତା କାଲି ସକାଳ ୮ଟାରେ ଯମୁନା ପଶି ପଞ୍ଚାୟତ କୋଡ଼ଖମଣ ଗ୍ରାମର ଛକ ନିକଟ ପଡ଼ିଆରେ ଅନୁଷ୍ଠିତ ହେବ ୯ମ ଗ୍ରାମସଭା। ଏ ନେଇ ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ ସମସ୍ତ ଅଧିକାରୀଙ୍କୁ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମସଭା ଶୃଙ୍ଖଳିତ ସହ ଶେଷ ହେବା ପାଇଁ ବ୍ୟାପକ ପୁଲିସ ଫୋର୍ସ ନିୟୋଜିତ ହୋଇଛନ୍ତି। ଗ୍ରାମର ୧୫୦.୫୦୦ ଡିସିମିଲ ଘରୋଇ ଜମି ଅଧିଗ୍ରହଣ ପାଇଁ ଲୋକଙ୍କ ଠାରୁ ପ୍ରସ୍ତାବ ଗ୍ରହଣ କରାଯିବ। ଜେଏସ୍‌ଡବ୍ଲ୍ୟୁ ଏବଂ ପୋସ୍କୋ କମ୍ପାନୀର ମିଳିତ ସହଯୋଗରେ ପାଟଣା ବ୍ଲକ୍‌ର ୧୨ଟି ଗ୍ରାମରେ ୪୦ ହଜାର କୋଟି ଟଙ୍କା ବ୍ୟୟରେ ବାର୍ଷିକ ୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏକ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି। ଏଥିପାଇଁ ଆସନ୍ତା କାଲିର ଗ୍ରାମ ସଭା ବେଶ୍ ଗୁରୁତ୍ୱ ବହନ କରୁଛି।

**ଦ୍ୱିତୀୟ ଶ୍ରୀକ୍ଷେତ୍ର ଠାକୁରଙ୍କ ସମ୍ପତ୍ତି ପୁନରୁଦ୍ଧାର ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର**

# ଦାବି ପୂରଣ ନ ହେଲେ ୨୮ରେ ପଦଯାତ୍ରା ଚେତାବନୀ

ବାରିପଦା, ୯।୬(ସମିସ):



ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାସ୍ଥ ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେଙ୍କ ମନ୍ଦିର ସମସ୍ୟା ଓ ଦେବତ୍ତୋର ବିଭାଗ ଅଧୀନରେ ରହିଥିବା ସମ୍ପତ୍ତି ଓ ଠାକୁରଙ୍କ ଗହଣା ପୁନରୁଦ୍ଧାର ନିମନ୍ତେ ସେବାୟତଙ୍କ ପକ୍ଷରୁ ଦାବି ହୋଇଛି। ଏ ନେଇ ରାଜ୍ୟ ସେବାୟତ ସଂଘର ସଭାପତି କାମେଶ୍ୱର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୋମବାର ବାରିପଦା ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ୨୦ ଦିନ ମଧ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ ନ କଲେ ୨୮ ତାରିଖରେ ସେବାୟତମାନେ ବାରିପଦାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ପଦଯାତ୍ରା କରି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ବୋଲି ଉଲ୍ଲେଖ କରିଛନ୍ତି।

ବାରିପଦା ଦେବତ୍ତୋର ବିଭାଗ ଅଧୀନରେ ୧୦ଟି ମଠ ଓ ମନ୍ଦିର ପରିଚାଳିତ ହେଉଛି। ଏଥିନିମନ୍ତେ ୪୪ ହଜାର ୭ ଶହ ଏକର ଜମି ଖଞ୍ଜାଯାଇଥିବାବେଳେ ପାଖାପାଖି ୪୦ ହଜାର ଜମି ବିଭିନ୍ନ ସରକାରୀ ସଂସ୍ଥା, ମୁଷ୍ଟିମେୟ ଲୋକ ଜବରଦଖଲ ଓ ବାରିପଦା ପୌର ପରିଷଦ ଅଧୀନରେ ରହିଛି। ଫଳରେ ଉକ୍ତ ଜମିରୁ ରାଜସ୍ୱ ଆଦାୟ ହୋଇପାରୁନାହିଁ। ଉକ୍ତ ଜମିକୁ ଦେବତ୍ତୋର ବିଭାଗ ଅଧୀନକୁ ଆଣି ମଠ ମନ୍ଦିର ପରିଚାଳନରେ ସୁବ୍ୟବସ୍ଥା କରିବାକୁ ଦାବିରେ ଉଲ୍ଲେଖ ରହିଛି। ଏ ସମ୍ପର୍କରେ ଉଚ୍ଚ ନ୍ୟାୟାଳୟଙ୍କଠାରେ ଏକ ଜନସ୍ୱାର୍ଥ୍ୟ ମାମଲାର ଶୁଣାଣି ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସେହିପରି ଠାକୁରଙ୍କ ବେଶ ପାଇଁ ଉଦ୍ଦିଷ୍ଟ ସୁନାରୂପା ଗହଣା ଭାଙ୍ଗିରୁଜି ପଡିଛି। ଏହାର ମରାମତି କରି ଠାକୁରଙ୍କ ବେଶରେ ଲାଗିବା ପାଇଁ ବ୍ୟବସ୍ଥା କରିବା ସହିତ ପୂର୍ବରୁ ଠାକୁରଙ୍କ ସୁନା ମୁକୁଟ, ଗୋଡ, ହାତ ଚୋରି ହୋଇଥିବା ଯୋଗୁଁ ନୀତି ଅନୁଯାୟୀ ମହାପ୍ରଭୁଙ୍କ ବେଶ ସଠିକ ଭାବେ ସମ୍ପନ୍ନ ହୋଇପାରୁନାହିଁ। ଏଥି ପାଇଁ ନୂତନ ସୁବର୍ଣ୍ଣ ଅଳଙ୍କାର ନିର୍ମାଣ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଠାକୁରଙ୍କ ଦୈନିକ ନୀତି ପାଇଁ ଛତିଶାନିଯୋଗ ସେବାର ବ୍ୟବସ୍ଥା ଥିବାବେଳେ ବର୍ତ୍ତମାନ ସମୟରେ ସଠିକ ପାଉଣା ପାଉ ନ ଥିବାରୁ ସେବାୟତ ସେବା କାର୍ଯ୍ୟ ଛାଡିବାକୁ ବାଧ ହେଉଛନ୍ତି। ଫଳରେ ବହୁ ସେବା ପଦବୀ ଫାଙ୍କା ପଡିଥିବାରୁ ନୀତିକାନ୍ତି ସଠିକ ଭାବେ ହୋଇପାରୁନି। ଖାଲିଥିବା ପଦବୀରେ ତୁରନ୍ତ ସେବାୟତ ବ୍ୟବସ୍ଥା କରିବା, ମନ୍ଦିର ଚାରିପାଖରେ ଜମି ଅଧିଗ୍ରହଣ କରି କରିଡର ବ୍ୟବସ୍ଥା କରିବା, ମନ୍ଦିରର ସୁରକ୍ଷା ଦୃଷ୍ଟିରୁ ପୁଲିସ ସୁରକ୍ଷା ବ୍ୟବସ୍ଥା କରିବା, ମନ୍ଦିର ପରିସରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ଗଛ ଓ ଆଲୋକର ବ୍ୟବସ୍ଥା କରିବା, ଭକ୍ତଙ୍କ ଗାଡ଼ି ପାର୍କିଂ ବ୍ୟବସ୍ଥା କରିବା, ଭକ୍ତଙ୍କ ପାଇଁ ସୁଲଭ ଶୌଚାଳୟ ବ୍ୟବସ୍ଥା କରିବା, ନାଗରାଭାଡିର ପୁନରୁଦ୍ଧାର କରିବା, ପ୍ରଚାର ପ୍ରସାର ପାଇଁ ୬ଟି ସ୍ଥାନରେ ତୋରଣ ବ୍ୟବସ୍ଥା କରିବା, ମନ୍ଦିର ପାଇଁ ଉଦ୍ଦିଷ୍ଟ ହେମସାଗର ପୋଖରୀ ସଠିକ ଭାବେ ସୌନ୍ଦର୍ଯ୍ୟକରଣ କରିବା, ମନ୍ଦିର ଆୟ ବୃଦ୍ଧି ପାଇଁ ବାରିପଦାରେ ଫାଙ୍କା ଥିବା ଦେବତ୍ତୋର ଜମିରେ କଲ୍ୟାଣ ମଣ୍ଡପ ଓ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବା, ମଧୁବନଠାରେ ଠାକୁରଙ୍କ ବଗିଚା ପାଇଁ ସ୍ୱତନ୍ତ୍ର ସୌନ୍ଦର୍ଯ୍ୟକରଣ କରାଯିବା ସହିତ ଦୈନିକ ଠାକୁରଙ୍କ ନୀତି ପାଇଁ ଫୁଲ ବଗିଚା ଓ ତୁଳସୀ ବଗିଚା ବ୍ୟବସ୍ଥା କରିବା ଓ ମନ୍ଦିର ସମ୍ମୁଖ ଭାଗକୁ ସୌନ୍ଦର୍ଯ୍ୟକରଣ କରିବା ସହିତ ଭୋଗ ଦୋକାନ ସ୍ଥାପନ କରିବା ଆଦି ଦାବି ରହିଛି। ମୁଖ୍ୟମନ୍ତ୍ରୀ ଖୁବଶୀଘ୍ର ସେବାୟତଙ୍କୁ ଭୁବନେଶ୍ୱର ଡକାଇ ଆଲୋଚନା ସହିତ ସମସ୍ୟା ସମାଧାନ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ତ୍ରିପାଠୀ କହିଛନ୍ତି।

# ଆସୁଛି ରଜ, ସଜେଇ ହେଉଛି ସୀତାଦେଇ ଟା ର

ଆନନ୍ଦପୁର, ୯।୬(ସମିସ): ଆଉ ୪ଦିନ ପରେ ରଜ। ଓଡ଼ିଆ ସଂସ୍କୃତି ଓ ପରମ୍ପରାର ସ୍ୱାକ୍ଷର ବହନ କରୁଥିବା ଏହି ପର୍ବକୁ ପାଳନ କରିବା ପାଇଁ ଆନନ୍ଦପୁର ଉପଖଣ୍ଡରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି କ୍ରମରେ ଘସିପୁରା ବ୍ଲକ୍ ବରିପାଳ ପଞ୍ଚାୟତ ନାରଙ୍ଗପୁର ସୀତାଦେଇ ଟାଙ୍ଗରରେ ରଜ ମଉଜ ପାଇଁ ଆୟୋଜନ ପର୍ବ ଚାଲିଛି। ଏଠାରେ ରଜକୁ ଧୁମ୍‌ଧାମ୍‌ରେ ପାଳନ କରିବା ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଏବେଠୁ ଉତ୍ସୁକତା ଆରମ୍ଭ ହୋଇଗଲାଣି। ଘସିପୁରାଠାରୁ ୧୫ କିମି ଦୂର ନାରଙ୍ଗପୁର ଗ୍ରାମରେ ରହିଛି ଏହି ଟାଙ୍ଗର (ଛୋଟ ପାହାଡ଼)। କେବଳ ଟାଙ୍ଗର ଭାବେ ନୁହେଁ, କାହିଁ କେଉଁ



କାଳରୁ ଏହା ଏକ ପୂଣ୍ୟପୀଠ ଭାବେ ପ୍ରସିଦ୍ଧି ଅର୍ଜନ କରିଛି। ପ୍ରାୟ ଶହେ ଏକର ପରିସୀମା ମଧ୍ୟରେ ରହିଥିବା ଏହି ସ୍ଥାନରେ ରହିଛି ଅନେକ ଐତିହାସିକ କିମ୍ବଦନ୍ତୀ। ଏହି ପାହାଡ଼ ଉପରେ ଅନେକ ଗୁମ୍ଫା ରହିଥିବା ବେଳେ ସେଥିରୁ ଅନେକ ଭାଙ୍ଗିରୁଜି ହୋଇଗଲାଣି। ଏଠାରେ ସାଧୁ ଅରକ୍ଷିତ ଦାସ ଓ ବଚନସିଦ୍ଧ ବାବାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଶ୍ରମ ନିର୍ମାଣ କରାଯାଇ ଥିବାବେଳେ ଏହାର ଭଗ୍ନକୁଟିର ରହିଛି। ଏଠାରେ ସୀତାଙ୍କ ଏନ୍ତୁଡ଼ିଶାଳ ରହିଥିବା କିମ୍ବଦନ୍ତୀ ରହିଛି। କିମ୍ବଦନ୍ତୀ ଅନୁସାରେ ଏହି ସ୍ଥାନକୁ ସୀତାଦେଇ ଟାଙ୍ଗର କୁହାଯାଉଛି। ୧୯୯୬ ମସିହାରୁ ଏଠାରେ ବାବା ପ୍ରଦୀପ ଦୀପ ଦାସ ଅବସ୍ଥାନ କରି ପୀଠର ମହିମା ସମ୍ପର୍କରେ ପ୍ରଚାର କରିବା ସହ ତାଙ୍କ ଉଦ୍ୟମରେ ଷଡ଼ଭୁଜ ଗୌରାଙ୍ଗ ମନ୍ଦିର ପ୍ରତିଷ୍ଠା କରାଯାଇଛି। ତାଙ୍କ ପରେ ଦୁଇ ବର୍ଷ ହେଲା ପୀଠ ଦାୟିତ୍ୱରେ କେହି ନାହାନ୍ତି। ତେବେ ପୀଠଟି ଆଜି ପର୍ଯ୍ୟନ୍ତ ଅବହେଳିତ ଅବସ୍ଥାରେ ପଡିରହିଛି। ଏଠାକୁ ଭଲ ରାସ୍ତାଟିଏ ନିର୍ମାଣ କରାଯାଇ ନଥିବାବେଳେ ପାନୀୟ ଜଳର ସୁବିଧା କରାଯାଇନାହିଁ। ଏଥି ପାଇଁ ବାରମ୍ବାର ମନ୍ତ୍ରୀ, ବିଧାୟକ ଓ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳିନଥିବା ଗ୍ରାମର ଯୁବକ ବିଜୟ କୁମାର ସାହୁ କହିଛନ୍ତି। ରଜ ପାଇଁ ମନ୍ଦିର ଓ ଆଶ୍ରମକୁ ନୂତନ ଭାବେ ରଙ୍ଗ କରାଯାଇ ସଜାଯାଇଛି। ରଜ ୩ ଦିନ ପାହାଡ ତଳ ଆମ୍ବତୋଟାରେ ବିଭିନ୍ନ ପ୍ରକାର ଦୋଳି ଖେଳ ହେବ। ସେହିପରି ଯୁବଗୋଷ୍ଠୀଙ୍କ ମଧ୍ୟରେ ରଜଗୀତ ପ୍ରତିଯୋଗିତା ହୋଇଥାଏ। ଏହି ୩ ଦିନ ଟାଙ୍ଗର ଉପରେ ପ୍ରବଳ ଜନଗହଳି ଲାଗି ରହିଥାଏ। ଏଠାରେ ଶେଷ ରଜ ଉତ୍ସବ ମନାଇବା ପାଇଁ ଯାଜପୁର, ଢେଙ୍କାନାଳ ଜିଲ୍ଲାରୁ ଲୋକଙ୍କ ସମାଗମ ହୋଇଥାଏ। ରଜ ତିନିଦିନ ଧରି ଏଠାରେ ପୀଠରେ ନାମସଂକୀର୍ତ୍ତନ କରାଯିବା ସହିତ ସଂକ୍ରାନ୍ତିରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥାଏ। ପ୍ରଶାସନ ପକ୍ଷରୁ ଏହି ପୀଠ ପ୍ରତି ଦୃଷ୍ଟି ଦିଆଗଲେ ଏହାର ଗୌରବ ଆହୁରି ବୃଦ୍ଧି ପାଇବା ସହିତ ପ୍ରାଚୀନ କୀର୍ତ୍ତିରାଜିର ସୁରକ୍ଷା ହୋଇପାରନ୍ତା ବୋଲି ସ୍ଥାନୀୟ ବାସିନ୍ଦା ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

# ପାରିବାରିକ କଳହରୁ ମହିଳାଙ୍କ ଆତ୍ମହତ୍ୟା

ତୁରୁମୁଙ୍ଗା, ୯।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଖୁଣ୍ଟାପଡ଼ା ଡିପାସାହିରେ ଘର ଭିତରୁ ମଙ୍ଗଳବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ଉଦ୍ଧାର କରିଛି। ମୃତକ ହେଲେ ଚରଣ ମୁଣ୍ଡାଙ୍କ ସ୍ତ୍ରୀ କୁନି ମୁଣ୍ଡା(୩୮)। ସୂଚନା ଅନୁସାରେ ସୋମବାର ଦିନରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ହାଣ୍ଡିଆ ପିଇବା ପାଇଁ ଟଙ୍କା ମାଗିବାକୁ ନେଇ ବଚସା ହୋଇଥିଲା। ଏଥିରେ ମହିଳା ଜଣଙ୍କ ମାନସିକ ଭାରସାମ୍ୟ ହରାଇ ଘର ଭିତରେ ଆତ୍ମହତ୍ୟା କରିଛନ୍ତି। ଖବର ପାଇ ପାଟଣା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

**■ ମାରଣାସ୍ତ୍ର ଧରି ମଦୁଆ ଯୁବକଙ୍କ ଉନ୍ମତ୍ତକାଣ୍ଡ**

# ଘଣ୍ଟାଏ ଧରି ଠାକୁରମୁଣ୍ଡା-ଉଦଳା ରାସ୍ତାରେ ଯାତାୟାତ ଠପ୍

ଠାକୁରମୁଣ୍ଡା, ୯।୬(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ମହୁଲଡିହା ଥାନା ଅଞ୍ଚଳର ଠାକୁରମୁଣ୍ଡା-ଉଦଳା ମୁଖ୍ୟ ରାସ୍ତାର ଗିରିବେଡା ଛକ ନିକଟରେ ଜଣେ ମଦ୍ୟପ ଯୁବକଙ୍କ ଉନ୍ମତ୍ତକାଣ୍ଡ ଯୋଗୁଁ ପ୍ରାୟ ଏକ ଘଣ୍ଟା ଧରି ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ମାରଣାସ୍ତ୍ର ଧରି ରାସ୍ତାରେ ଲୋକଙ୍କୁ ଭୟଭୀତ କରିବା ସହ ଆକ୍ରମଣ ଉଦ୍ୟମ କରୁଥିବା ଏହି ଯୁବକଙ୍କୁ ଶେଷରେ ସ୍ଥାନୀୟ ଲୋକ କାବୁ କରିବା ପରେ ପରିସ୍ଥିତି ସାଧାରଣ ହୋଇଥିଲା।



ଆଜି ଅପରାହ୍ନ ସମୟରେ ଚମ୍ପାଝର ପଞ୍ଚାୟତ ଅନ୍ତର୍ଗତ ଗିରିବେଡା ଗ୍ରାମର ପରମେଶ୍ୱର ନାଏକଙ୍କ ପୁଅ ସହଦେବ ନାଏକ ମଦ୍ୟପାନ କରି ମାରଣାସ୍ତ୍ର ଧରି ଗିରିବେଡା ଛକରେ ଛିଡ଼ା ହୋଇ ରହିଥିଲେ। ରାସ୍ତାରେ ଯାଉଥିବା ଲୋକଙ୍କୁ ଧମକ ଦେବା ସହ ମାରିବାକୁ ଗୋଡ଼ାଉଥିବାରୁ ସମଗ୍ର ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଏହି ସମୟରେ କାଠୁଆନଆଁଗାଁ ଗ୍ରାମର ଚରଣ ପଧୁରିଆ ତାଙ୍କର ଜଣେ ସାଙ୍ଗଙ୍କ ସହ ବାଇକ୍‌ରେ ଯାଉଥିବାବେଳେ ସହଦେବ ନାଏକ ସେମାନଙ୍କ ଉପରେ ଆକ୍ରମଣ ଉଦ୍ୟମ କରିଥିଲେ। ଭାଗ୍ୟବଶତଃ ମାରଣାସ୍ତ୍ରଟି ଚରଣଙ୍କ ଦେହରେ ନ ବାଜି ବାଇକର ପଛ ଲାଇଟରେ ବାଜିଥିଲା। ଫଳରେ ବାଇକର ପଛ ଲାଇଟ୍ ଭାଙ୍ଗିଯାଇଥିଲା ଓ ବଡ଼ ଅଘଟଣରୁ ସେମାନେ ରକ୍ଷା ପାଇଥିଲେ। ଯୁବକଙ୍କ ଏଭଳି କାଣ୍ଡ ଯୋଗୁଁ ଠାକୁରମୁଣ୍ଡା-ଉଦଳା ମୁଖ୍ୟ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଛୋଟବଡ଼ ଯାନବାହନ ଅଟକି ରହିଥିଲା। ପ୍ରାୟ ଏକ ଘଣ୍ଟା ଧରି ଏହି ଅବସ୍ଥା ଲାଗି ରହିଥିଲା। ପରେ ସ୍ଥାନୀୟ ଲୋକ ସାହସିକତାର ସହ ଏକତ୍ରିତ ହୋଇ ଉନ୍ମତ୍ତ ଯୁବକଙ୍କୁ କାବୁ କରିଥିଲେ ଓ ତାଙ୍କ ହାତରୁ ମାରଣାସ୍ତ୍ର ଛଡ଼ାଇ ନେଇଥିଲେ। ପରେ ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଘଟଣା ସମ୍ପର୍କରେ ମହୁଲଡିହା ଥାନା ଅଧିକାରୀଙ୍କୁ ପଚାରିବାରୁ ସେ କହିଥିଲେ, ଉକ୍ତ ଯୁବକ ମଦ୍ୟପ ଅବସ୍ଥାରେ ଏଭଳି ଆଚରଣ କରୁଥିଲେ। ଏ ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ଥାନାରେ ଲିଖିତ ଅଭିଯୋଗ କିମ୍ବା ମାମଲା ଦାଖଲ କରିନାହାନ୍ତି। ଅଭିଯୋଗ ମିଳିଲେ ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଯଶିପୁରରେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ପୁନଃସ୍ଥାପିତ

ଯଶିପୁର, ୯।୬(ସମିସ): ଯଶିପୁର ହାଟ ପଡ଼ିଆ ନିକଟ ଜାତୀୟ ରାଜପଥର ବାଇପାସ ଛକରେ ଆଜି ସହିଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିର ପୁନଃସ୍ଥାପନା କରାଯାଇଛି। ଗତବର୍ଷ ବିର୍ସାଙ୍କ ଜୟନ୍ତୀ ତିଥିରେ ଏକ ପ୍ରତିମୂର୍ତ୍ତି ସ୍ଥାପନା କରାଯାଇଥିଲା। ଉକ୍ତ ପ୍ରତିମୂର୍ତ୍ତିଟି ଦେଖିବାକୁ ଛୋଟ ହୋଇଥିବାରୁ ଏଠାରେ ବଡ଼ ପ୍ରତିମୂର୍ତ୍ତି ସ୍ଥାପନା ନିମନ୍ତେ ସ୍ଥାନୀୟ ସଚେତନ ଜନସାଧାରଣ, ସାମାଜିକ କର୍ମୀ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆଙ୍କୁ ଭେଟି ଅନୁରୋଧ କରିଥିଲେ। ସ୍ଥାନୀୟ ସଚେତନ ବ୍ୟକ୍ତି ଓ ସାମାଜିକ କର୍ମୀଙ୍କ ଅନୁରୋଧକୁ ରକ୍ଷା କରି ମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ଆଉଏକ ବଡ଼ ଆକାରର ବିର୍ସାଙ୍କ ପ୍ରତିମୂର୍ତ୍ତିର ପୁନଃସ୍ଥାପନା କରାଯାଇଛି। ଆଜି ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିର



ପୁନଃସ୍ଥାପନା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ମନ୍ତ୍ରୀ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆଦିବାସୀ ନେତା ତଥା ସାମାଜିକ କର୍ମୀ ମନୋରଞ୍ଜନ ତିରିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବିର୍ସାଙ୍କ ବଳିଦାନ ଦିବସ ଓ ପ୍ରତିମୂର୍ତ୍ତି ପୁନଃସ୍ଥାପନା କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆଦିବାସୀ ରୀତିନୀତି ଅନୁସାରେ ହୋ ସମାଜର ଦେହୁରୀ ଲଦ ହୋ ପୂଜାର୍ଚ୍ଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯଶିପୁର ବିଡିଓ ମାଧବଚନ୍ଦ୍ର ବିରୁଆ, ଜିଲ୍ଲା ପରିଷଦ ସଭ୍ୟା ସୁଜାତା ହୋ ଓ ମିନତୀ ତିରିଆ, ନାରୀନେତ୍ରୀ ରୀନା ପିଙ୍ଗୁଆ, ପୂର୍ବତନ ଯଶିପୁର ବ୍ଲକ ଚେୟାରମ୍ୟାନ ସବିତା ନାଏକ, ସାମାଜିକ କର୍ମୀ ଟିଟୋ ହେମ୍ବ୍ରମ, ମନ୍ତ୍ରୀ ଗଣେଶରାମଙ୍କ ନିର୍ବାଚନ ମଣ୍ଡଳୀ ସଂଯୋଜକ କାଳିଚରଣ ନାଏକ, ବିଜେପି ଜିଲ୍ଲା ସଭାପତି ବିପିନ ବିହାରୀ ମହାନ୍ତ, ଶିମିଳିପାଳ ମଣ୍ଡଳ ସଭାପତି ମହାନ୍ତି ବିରୁଆ ପ୍ରମୁଖ ଯୋଗ ଦେଇଥିଲେ।

# ଟ୍ରାକ୍ଟର ପଛରେ ଧକ୍କା ଦେଇ ଯୁବକ ଗୁରୁତର

ବୈଶିଙ୍ଗା, ୯।୬(ସମିସ): ବୈଶିଙ୍ଗା-ରୁପ୍‌ସା ରାସ୍ତାର ଅନ୍ଧାରିଆ ଜାଗାରେ ବାଉଁଶ ବୋଝେଇ ଟ୍ରାକ୍ଟର ପାର୍କିଂ କରାଯାଇଥିବା ଯୋଗୁଁ ଟ୍ରାକ୍ଟର ପଛରେ ଧକ୍କା ଦେଇ ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହି ଦୁର୍ଘଟଣା ପ୍ରିୟଙ୍କଶୀ ରାଧେ କଲେଜ ନିକଟରେ ଘଟିଛି। ତେଲ ସରିଯିବା କାରଣରୁ ଗୋଟିଏ ବାଉଁଶ ବୋଝେଇ ଟ୍ରାକ୍ଟର ରାସ୍ତାର ଅନ୍ଧାରିଆ ସ୍ଥାନରେ ପାର୍କ କରାଯାଇଥିଲା। ସେ ସମୟରେ ପଣସିଆ ପଟରୁ ଆସୁଥିବା ବାଇକ୍ ଟ୍ରାକ୍ଟର ପଛରେ ଧକ୍କା ଦେଇଥିଲା। ବାଇକ୍ ଚାଳକ ମହୁରୀ ଗ୍ରାମର ଦୀପୁ ରାଉତ (୨୧)ଙ୍କ ମୁଣ୍ଡ ଓ ମୁହଁରେ ଟ୍ରାକ୍ଟର ଡାଲା ଓ ବାଉଁଶ ବାଜି ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବୈଶିଙ୍ଗା ଡାକ୍ତରଖାନା ଓ ପରେ ବାଲେଶ୍ୱର ସ୍ଥାନାନ୍ତର କରିଥିବା ଜଣାପଡ଼ିଛି।

# ବିର୍ସା ମୁଣ୍ଡାଙ୍କ ୧୨୬ତମ ପୁଣ୍ୟତିଥି ପାଳିତ

ବାରିପଦା, ୯।୬(ସମିସ): ମୁଣ୍ଡାରୀ ୟୁଟ୍ୟୁବର୍, ପ୍ରଡ୍ୟୁସର ଓ ଆର୍ଟିଷ୍ଟ ଆସୋସିଏସନ (ମାଏପା) ପକ୍ଷରୁ ବୀର ସହିଦ ଭଗବାନ ବିର୍ସା ମୁଣ୍ଡାଙ୍କ ୧୨୫ତମ ପୁଣ୍ୟତିଥି ସ୍ଥାନୀୟ ଅସ୍ତିଆ ବିର୍ସା ମୁଣ୍ଡା ଛକଠାରେ ପାଳନ କରାଯାଇଛି। ଏ ଅବସରରେ ମାଏପାର ସଦସ୍ୟମାନେ ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉପସ୍ଥିତ ବକ୍ତାମାନେ ବିର୍ସା ମୁଣ୍ଡାଙ୍କ ଅଦମ୍ୟ ସାହସ, ତ୍ୟାଗ, ସଂଘର୍ଷ ଓ ଆଦିବାସୀ ସମାଜର ମାନ, ସମ୍ମାନ, ସ୍ୱାଭିମାନ, ଜଳ, ଜଙ୍ଗଲ, ଜମିର ସୁରକ୍ଷା ପାଇଁ ତାଙ୍କ ଐତିହାସିକ ଆନ୍ଦୋଳନକୁ ସ୍ମରଣ କରିଥିଲେ। ଶ୍ରଦ୍ଧାଞ୍ଜଳି



ସଭାରେ ମାଏପାର ପ୍ରତିଷ୍ଠାତା ସଦସ୍ୟ ରବୀନ୍ଦ୍ର ନାଥ ସିଂ କୋଚା, ସାଧାରଣ ସମ୍ପାଦକ ଲକ୍ଷ୍ମୀରାମ ସିଂହ, କୋଷାଧ୍ୟକ୍ଷ ନାଥ ସିଂ ବାରୁ, ପ୍ରିଣ୍ଟ ମିଡିଆ ସମ୍ପାଦକ ବାଜି ସିଂ, ଅଭିନେତା ସୁରୁ ସିଂ, ଅଭିନେତା ରବି ସିଂ, ବୁଧୁରାମ ସିଂ, ଆଇଟି ସେଲ୍ ସଦସ୍ୟ ମହେଶ୍ୱର ସିଂଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଯୋଗଦେଇ ଭଗବାନ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ନାରଦ ଜୟନ୍ତୀ

କରଞ୍ଜିଆ, ୯।୬(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଗଣମାଧ୍ୟମ ଓ ସୂଚନା ବିଭାଗ ବିଶ୍ୱ ସମ୍ବାଦ କେନ୍ଦ୍ର, ରାଇରଙ୍ଗପୁର ଖଣ୍ଡ ପକ୍ଷରୁ ଦେବର୍ଷି ନାରଦ ଜୟନ୍ତୀ ଅବସରରେ ଏକ କାର୍ଯ୍ୟକ୍ରମ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ସଭାଗୃହରେ ଅନୁଷ୍ଠିତ



ହୋଇଯାଇଛି। ସମାଜ ଗଠନରେ ଗଣମାଧ୍ୟମର ଗୁରୁତ୍ୱ, ସାମ୍ବାଦିକତାର ଦାୟିତ୍ୱବୋଧ ଓ ନିଷ୍ପକ୍ଷ ସମ୍ବାଦ ପରିବେଷଣର ଆବଶ୍ୟକତା ଉପରେ ଆଲୋଚନା କରାଯାଇଥିଲା। ସହଜିଲ୍ଲା ପ୍ରଚାର ପ୍ରମୁଖ ସତ୍ୟନାରାୟଣ ମାଝୀଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ କରଞ୍ଜିଆ ପ୍ରେସ କ୍ଲବର ସମ୍ପାଦକ କର୍ଣ୍ଣାର୍ଜୁନ ସାହା ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ବାଦିକତା କ୍ଷେତ୍ରରେ ନୈତିକତା, ସତ୍ୟତା ଓ ଜନସ୍ୱାର୍ଥକୁ ପ୍ରାଧାନ୍ୟ ଦେବାର ଆବଶ୍ୟକତା ଉପରେ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଉମାଶଙ୍କର ଦାସ ଯୋଗଦେଇ ବର୍ତ୍ତମାନ ସମୟରେ ଗଣମାଧ୍ୟମର ଚ୍ୟାଲେଞ୍ଜ ଓ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶ୍ୱ ସମ୍ବାଦ କେନ୍ଦ୍ରର କାର୍ଯ୍ୟକ୍ରମ ସଂଯୋଜକ ତଥା ସାମ୍ବାଦିକ ବିନ୍ଦୁସାର ଦାସ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିବାବେଳେ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଓଡ଼ିଶା ସହପ୍ରାନ୍ତ ପ୍ରଚାର ପ୍ରମୁଖ ମନୀନ୍ଦ୍ର ସୁନ୍ଦର ଦାସ ଦେବର୍ଷି ନାରଦଙ୍କ ଜୀବନ, ସୂଚନା ପ୍ରସାରଣ କ୍ଷେତ୍ରରେ ତାଙ୍କର ଅବଦାନ ଓ ଆଜିର ସାମ୍ବାଦିକତା ସହ ତାହାର ସମ୍ପର୍କ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଶୁଭମ ପରିଡାଙ୍କ ଦ୍ୱାରା ପରିବେଷିତ ସଂଗୀତ ଉପସ୍ଥିତ ଅତିଥି ଓ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶେଷରେ କରଞ୍ଜିଆ ଅଞ୍ଚଳର ବିଭିନ୍ନ ଗଣମାଧ୍ୟମ ସହ ଜଡିତ ସାମ୍ବାଦିକ ଭାଗବତ ଦାସ, ଜିତେନ୍ଦ୍ର ରାଜ, ପାର୍ଥପ୍ରସନ୍ନ ମିଶ୍ର, ଉଦିପ୍ତ ବେହେରା, ସୁମନ୍ତ ପାତ୍ର ଓ ଗୋବିନ୍ଦ ଚନ୍ଦ୍ର ପ୍ରଧାନଙ୍କୁ ସେମାନଙ୍କର ସାମ୍ବାଦିକତା କ୍ଷେତ୍ରରେ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରଚାର ପ୍ରମୁଖ ଅଙ୍କିତ ପାଢ଼ିଆ ଓ ଜିଲ୍ଲା ଶାରୀରିକ ପ୍ରଶିକ୍ଷଣ ପ୍ରମୁଖ ଅଧ୍ୟାପକ ସିପୁନ୍ ଦାସ ସକ୍ରିୟ ସହଯୋଗ କରିଥିଲେ। ବହୁ ସଂଖ୍ୟକ ସ୍ୱୟଂସେବକ, ବୁଦ୍ଧିଜୀବୀ, ସାମ୍ବାଦିକ ଓ ସମାଜସେବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**● ମିଛ ପ୍ରତିଶ୍ରୁତି ଦେଇ ଆଖି ଅସ୍ତ୍ରୋପଚାର**

# ଗ୍ରାମରେ ଉତ୍ତେଜନା, ଥାନାରେ ଅଭିଯୋଗ

ବଡ଼ସାହି, ୯।୬(ସମିସ): ସ୍ୱାସ୍ଥ୍ୟ ପରୀକ୍ଷା ନାମରେ ଗାଁ ଗାଁକୁ ବୁଲି ଗରିବ, ଆଦିବାସୀ ଲୋକଙ୍କୁ ମିଛ ପ୍ରତିଶ୍ରୁତି ଦେଇ ନେଇଯିବା ସହିତ ଜୋର ଜବରଦସ୍ତ ସେମାନଙ୍କ ଆଖିରେ ଅସ୍ତ୍ରୋପଚାର କରାଯାଉଛି। ଏଥିପାଇଁ ସେମାନଙ୍କ ଆୟୁଷ୍ମାନ କାର୍ଡରୁ ଅର୍ଥ ମଧ୍ୟ କାଟି ନିଆଯାଉଛି। ଏହା ଜିଲ୍ଲାରେ ଏକ ବିରାଟ ସ୍କାମରେ ପରିଣତ ହୋଇଛି। ଏଥିପାଇଁ ସମ୍ପୃକ୍ତ ନର୍ସିଂହୋମ ଓ ଶିବିର ମାଲିକଙ୍କ ମାଧ୍ୟମରେ ଏକ ବିରାଟ ରାକେଟ୍ କାମ କରୁଥିବାର ଅଭିଯୋଗ ଉଠିଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି, ବଡ଼ସାହି ବ୍ଲକ ଅଧୀନ ପିସିପୁର ପଞ୍ଚାୟତ ନରଣପୁର ଗ୍ରାମରେ। ଏହି ଗ୍ରାମର ୧୦ ଜଣ ଲୋକଙ୍କୁ ମାଗଣାରେ ବିଭିନ୍ନ ସ୍ୱାସ୍ଥ୍ୟଗତ ଚିକିତ୍ସା କରାଇବା କହି ସ୍ୱାସ୍ଥ୍ୟ ପରୀକ୍ଷା ଆଳରେ ଗତ ରବିବାର ବାରିପଦାସ୍ଥ ଏକ ନର୍ସିଂହୋମକୁ ନିଆଯାଇଥିଲା। ସେହିଦିନ ସେମାନଙ୍କୁ ଆଣି ଘରେ ଛାଡ଼ି ଦିଆଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦିଆଯାଇଥିଲା। ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଦୂର କଥା ଜୋର ଜବରଦସ୍ତ ସେମାନଙ୍କ ଆଖିରେ ଅସ୍ତ୍ରୋପଚାର କରାଯାଇଥିଲା। ଏପରିକି ସେମାନେ ପ୍ରତିବାଦ କରିବା ପରେ ମଧ୍ୟ ସେମାନଙ୍କ କଥା ଶୁଣାଯାଇ ନ ଥିଲା। ଏପରିକି ଆବଶ୍ୟକ ନ ଥିବା ଲୋକଙ୍କ ଆଖିରେ ମଧ୍ୟ ଅସ୍ତ୍ରୋପଚାର କରାଯାଇଥିବାର ଅଭିଯୋଗ ଉଠିଛି। ସେମାନେ ପୂର୍ବରୁ ଭଲ ଭାବେ ଦେଖି ପାରୁଥିବାବେଳେ ଏବେ ଠିକ ଭାବେ ଦେଖି ପାରୁ ନ ଥିବାର କହିଛନ୍ତି। ସେମାନେ ଦିନ ମଜୁରିଆ ହୋଇଥିବାରୁ ବର୍ତ୍ତମାନ ସେମାନଙ୍କର ପରିବାର ପ୍ରତିପୋଷଣ ଚିନ୍ତା ଘାରିଛି। ମଙ୍ଗଳବାର ସେହି ଲୋକମାନଙ୍କୁ ଏକ ଓମନି ଗାଡ଼ିରେ ଡ୍ରାଇଭର ଓ କର୍ମଚାରୀ ଗାଁକୁ ଛାଡ଼ିବାକୁ ଆସିଥିବାବେଳେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ସେମାନଙ୍କୁ ଅଟକ ରଖି ବଡ଼ସାହି ଥାନାକୁ ଜଣାଇବା ପରେ ପୁଲିସ ଘଟଣାସ୍ଥଳରେ ସେମାନଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ଏ ସଂକ୍ରାନ୍ତରେ ଠକାମୀର ଶିକାର ହୋଇଥିବା ଗ୍ରାମର ବାଣ୍ଟୁ ଗିରି ବଡ଼ସାହି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।



**ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ନେଇ ରାଇରଙ୍ଗପୁର ଚଳଚଞ୍ଚଳ**

# ଡିଜି ଓ ଆଇଜିଙ୍କ ମିଳିତ ଭାବେ ଗସ୍ତ କାର୍ଯ୍ୟକ୍ରମ ଅନୁଧ୍ୟାନ

ରାଇରଙ୍ଗପୁର, ୯।୬ (ସମିସ):



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୯ ଓ ୨୦ ତାରିଖରେ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମ ରହିଛି। ଯାହାକୁ ନେଇ ରାଇରଙ୍ଗପୁରରେ ପ୍ରଶାସନିକ ଚଳଚଞ୍ଚଳତା ପ୍ରକାଶ ପାଇଛି। ମଙ୍ଗଳବାର ଡିଜି ଓ ଆଇଜି ମିଳିତ ଭାବେ ରାଇରଙ୍ଗପୁର ଗସ୍ତରେ ଆସି ଅନୁଧ୍ୟାନ କରିଛନ୍ତି। କାର୍ଯ୍ୟକ୍ରମ ସ୍ଥାନକୁ ଯାଇ ନିଜେ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଭିଜିଲାନ୍ସ ଡିଜି ବିନୟତୋଷ ମିଶ୍ର, ଇଣ୍ଟେଲିଜେନ୍ସ ଆଇଜି ଜୟନାରାୟଣ ପଙ୍କଜଙ୍କ ସମେତ ସାଂସଦ ନବଚରଣ ମାଝି, ଏସପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର, ଉପଜିଲ୍ଲାପାଳ ଉଗ୍ରସେନ ଓରାମ, ଅତିରିକ୍ତ ଏସପି ଯଦୁନାଥ ଜେନା, ଏସଡିପିଓ ବୀରେନ୍ଦ୍ର କୁମାର ସେନାପତି, ରାଇରଙ୍ଗପୁର ଟାଉନ ଥାନାଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାଷ୍ଟ୍ରପତି ଜୁନ ୧୯ ତାରିଖ ଓ ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଇରଙ୍ଗପୁରରେ ପହଞ୍ଚିବେ। ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ରାଷ୍ଟ୍ରପତିଙ୍କ ବାଦାମପାହାଡ ନିକଟସ୍ଥ ଉପରବେଡା, ପାହାଡପୁର ଗ୍ରାମ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ସେଠାରେ ରାଷ୍ଟ୍ରପତିଙ୍କ ସ୍ୱର୍ଗତ ସ୍ୱାମୀ ଓ ଦୁଇପୁଅଙ୍କ ସ୍ମୃତିରେ ନିର୍ମିତ ଏସଏଲଏସ ସ୍ମାରକୀ ଆବାସିକ ବିଦ୍ୟାଳୟକୁ ଯିବେ। ଏଥିସହିତ ଦକ୍ଷତା ବିକାଶ କେନ୍ଦ୍ର ପରିଦର୍ଶନ କରିବେ। ଏହି ଅବସରରେ ଗ୍ରାମବାସୀ, ଛାତ୍ରଛାତ୍ରୀ ଓ ଯୁବକ/ଯୁବତୀଙ୍କ ସହ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଭାବବିନିମୟ କରିବାର ସୂଚନା ମିଳିଛି। ରାଷ୍ଟ୍ରପତିଙ୍କ ଗ୍ରାମ ପରିଦର୍ଶନ କରିବା ପରେ ରାଇରଙ୍ଗପୁରରେ ଆୟୋଜିତ ସାଧାରଣ ସଭାରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

ମଙ୍ଗଳବାର ଉପରବେଡା, ପାହାଡପୁର ଗ୍ରାମ ସମେତ ରାଇରଙ୍ଗପୁରସ୍ଥ ଦାଣ୍ଡବୋଷ ଏୟାରଷ୍ଟ୍ରିପ ଅନୁଧ୍ୟାନ କରିଛନ୍ତି। ସଭାସ୍ଥଳ, ହେଲିପ୍ୟାଡ, ପାର୍କିଂ, ଟ୍ରାଫିକ ବ୍ୟବସ୍ଥା, ଗସ୍ତ ମାର୍ଗ, ଭିଡ଼ ନିୟନ୍ତ୍ରଣ, ସିସିଟିଭି ଆଦି ତଦାରଖ କରିଛନ୍ତି। ଗସ୍ତକୁ ଦୃଷ୍ଟିରେ ରଖି ରାଇରଙ୍ଗପୁରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ସହରର ପ୍ରମୁଖ ପ୍ରବେଶ ପଥରେ ନାକାବନ୍ଦୀ ଜୋରଦାର କରାଯାଇଛି। ସନ୍ଦେହାସ୍ପଦ ବ୍ୟକ୍ତି ଓ ଯାନବାହନ ଉପରେ କଡା ନଜର ରଖାଯାଉଛି। ଗସ୍ତକୁ ସୁଚାରୁ ଭାବେ ସମ୍ପନ୍ନ କରିବା ପାଇଁ ପୁଲିସ ଓ ପ୍ରଶାସନ ପକ୍ଷରୁ ସମନ୍ୱିତ ଭାବେ କାମ ଚାଲିଥିବା ସୂଚନା ମିଳିଛି। ସୁରକ୍ଷା ବ୍ୟବସ୍ଥାକୁ ନେଇ କୌଣସି ଅବହେଳା ସହି ହେବନାହିଁ ବୋଲି ପୁଲିସ ଅଧିକାରୀ ସ୍ପଷ୍ଟ କରିଛନ୍ତି। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ପାଇଁ ଡିଜି ଓ ଆଇଜି ଯାଞ୍ଚ କରି ପୁଲିସ ଫୋର୍ସ ମୁତୟନ ନେଇ ଅନୁଧ୍ୟାନ କରିଛନ୍ତି। ପୂର୍ବରୁ ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହିତ ଜିଲ୍ଲାପାଳ ହେମକାନ୍ତ ସୟ ଗସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦନା କରିବା ପାଇଁ ନିୟମିତ ଭାବେ ଅନୁଧ୍ୟାନ ସହ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ ଜାରି ରହିଛି। ଗସ୍ତ କାର୍ଯ୍ୟକ୍ରମକୁ ତ୍ରୁଟିଶୂନ୍ୟ କରିବା ପାଇଁ ପ୍ରଶାସନିକ ସ୍ତରରେ ଜୋରଦାର ପ୍ରସ୍ତୁତି ଜାରି ରହିଛି।

**କ୍ଷତିପୂରଣ ଓ ସୁରକ୍ଷା ଦାବି**

# ଦୁଧିଆଣି ବନାଞ୍ଚଳ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

କରଞ୍ଜିଆ, ୯।୬(ସମିସ): କରଞ୍ଜିଆ ବନଖଣ୍ଡ ଅଧୀନ ଏକତାଳି ପଞ୍ଚାୟତର କୁମୁଡାବାଡ଼ି ନିକଟସ୍ଥ ଜଙ୍ଗଲରୁ ଗତ ୧ ତାରିଖରେ ସାଧୁ ନାୟକଙ୍କ ମୃତଦେହର କିଛି ଅଂଶବିଶେଷ ଉଦ୍ଧାର ଘଟଣାକୁ ନେଇ ଅଞ୍ଚଳରେ ଏବେବି ଉତ୍ତେଜନା ଲାଗି ରହିଛି। ଘଟଣାର ଦୀର୍ଘ ସମୟ ବିତିଯାଇଥିଲେ ମଧ୍ୟ ମୃତକଙ୍କ ପରିବାରକୁ କୌଣସି କ୍ଷତିପୂରଣ, ସରକାରୀ ସହାୟତା କିମ୍ବା ବନ ବିଭାଗ ପକ୍ଷରୁ ଆବଶ୍ୟକ ପ୍ରଶାସନିକ ପଦକ୍ଷେପ ମିଳି ନ ଥିବା ଅଭିଯୋଗରେ ସୋମବାର ଶତାଧିକ ଗ୍ରାମବାସୀ ଦୁଧିଆଣି ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରି ପ୍ରତିବାଦ ଜଣାଇଛନ୍ତି।

ଯଶିପୁର ଓ କରଞ୍ଜିଆ ବନଖଣ୍ଡ ଅଞ୍ଚଳର ବିଭିନ୍ନ ଗ୍ରାମରୁ ଆସିଥିବା ଲୋକମାନେ ସକାଳୁ ଦୁଧିଆଣି ବନାଞ୍ଚଳ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ବନ ବିଭାଗ ବିରୋଧରେ ନାରାବାଜି କରିଥିଲେ। ମୃତ ସାଧୁ ନାୟକଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ପ୍ରଦାନ, ସରକାରୀ ସହାୟତା ଯୋଗାଇଦେବା ଓ ଘଟଣାର ସଠିକ୍ ତଦନ୍ତ କରାଯିବାକୁ ସେମାନେ ଦାବି କରିଥିଲେ। ଆନ୍ଦୋଳନକାରୀଙ୍କ କହିବା ଅନୁଯାୟୀ, ଜଙ୍ଗଲ ସଂଲଗ୍ନ ଗ୍ରାମରେ ବନ୍ୟଜନ୍ତୁଙ୍କ ଚଳପ୍ରଚଳ ବଢ଼ୁଥିବାରୁ ସାଧାରଣ ଲୋକେ ସର୍ବଦା ଭୟଭୀତ ଅବସ୍ଥାରେ ରହୁଛନ୍ତି। ବିଶେଷକରି ଜଙ୍ଗଲକୁ ଯାଉଥିବା ଚାଷୀ, ଶ୍ରମିକ ଓ ଜଙ୍ଗଲ ଜାତ ଦ୍ରବ୍ୟ



ସଂଗ୍ରହକାରୀ ନିଜ ଜୀବନକୁ ବିପଦରେ ପକାଇ କାମ କରୁଛନ୍ତି। ଏଭଳି ପରିସ୍ଥିତିରେ ବନ ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ସତର୍କତା, ନିରୀକ୍ଷଣ କିମ୍ବା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉ ନ ଥିବାରୁ ବାରମ୍ବାର ମଣିଷ-ବନ୍ୟଜନ୍ତୁ ସଂଘର୍ଷ ଘଟୁଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଦାବି କରିଛନ୍ତି ଯେ, ଜଙ୍ଗଲ ଆଖପାଖ ଅଞ୍ଚଳରେ ଅଧିକ ବନ କର୍ମଚାରୀ ନିୟୋଜନ, ନିୟମିତ ପାଟ୍ରୋଲିଂ, ବନ୍ୟଜନ୍ତୁଙ୍କ ଗତିବିଧି ଉପରେ ନଜରଦାରୀ ଓ ଗ୍ରାମବାସୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉ। ଏଥିସହିତ ଭବିଷ୍ୟତରେ ଏଭଳି ଘଟଣା ନ ଘଟିବା ପାଇଁ ଠୋସ୍ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ବନ ବିଭାଗ ନିକଟରେ ଦାବି ଉଠାଇଛନ୍ତି। ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଓ ଭୟ ବଢ଼ିଚାଲିଥିବାବେଳେ ବନ ବିଭାଗ ପକ୍ଷରୁ ସନ୍ତୋଷଜନକ ପଦକ୍ଷେପ ଦେଖିବାକୁ ମିଳି ନ ଥିବାରୁ ଲୋକେ ବାଧ୍ୟ ହୋଇ ଏହି ଆନ୍ଦୋଳନର ପଥ ବାଛିଥିବା କହିଛନ୍ତି। ବନ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ଓ ସେମାନଙ୍କ ଦାବି ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବା ସହ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ସନ୍ତୁଷ୍ଟ ନହୋଇ ଗ୍ରାମବାସୀ ସ୍ପଷ୍ଟ ଭାବେ କହିଛନ୍ତି ଯେ, ଯଦି ମୃତକଙ୍କ ପରିବାରକୁ ଶୀଘ୍ର କ୍ଷତିପୂରଣ ଓ ସହାୟତା ପ୍ରଦାନ କରା ନ ଯାଏ ଏବଂ ଜଙ୍ଗଲ ସଂଲଗ୍ନ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରା ନ ଯାଏ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ। ଏହି ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ବନ ବିଭାଗର ପରବର୍ତ୍ତୀ ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି।

**● ଅବକାରୀ ବିଭାଗର ଦେଶୀ ଆଡ୍ଡା ଉପରେ ଚଢ଼ଉ**

## ୯୭ ଲିଟର ଦେଶୀମଦ ଓ ବାଇକ୍ ଜବତ, ୪ ଗିରଫ

ରାଇରଙ୍ଗପୁର, ୯।୬ (ସମିସ): ବେଆଇନ ମଦ କାରବାର ବୃଦ୍ଧି ପାଇବାରେ ଲାଗିଥିବାବେଳେ ଏହାକୁ ରୋକିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ ହୋଇଛି। ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ବହଳଦା ଅବକାରୀ ଥାନା ପକ୍ଷରୁ ବହଳଦା ଓ ତିରିଂ ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ଉ କରାଯାଇ ୪ ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ବିଭାଗ ଟିମ୍ ଗିଦିଘାଟୀ, ତାରଣା, ଜାହିରା କୁଲତା ଓ ଡକଡିହା



ଆଦି ଗ୍ରାମରେ ଚଢ଼ଉ କରି ବେଆଇନ ମଦ କାରବାରରେ ଜଡ଼ିତ ଥିବା ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଛନ୍ତି। ଚଢ଼ଉ ସମୟରେ ସେମାନଙ୍କ ନିକଟରୁ ୯୭ ଲିଟର ଦେଶୀ ମଦ ଓ ଏକ ବାଇକ୍‌କୁ ଜବତ କରାଯାଇଛି। ଭାରପ୍ରାପ୍ତ ଅବକାରୀ ଅଧିକାରୀ ରଣଜିତ ସବରଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ଉରେ ଉପନିରୀକ୍ଷକ ସୁଶାନ୍ତ କୁମାର ନାୟକ, କନଷ୍ଟେବଳ ସୁରେନ୍ଦ୍ର ସୋରେନ, ରାଜେନ୍ଦ୍ର ସେନାପତି, ଫୁଲମଣି ହାଁସଦା ଓ ଲଲାଟେନ୍ଦୁ ଶତପଥୀ ସାମିଲ ଥିଲେ। ଏ ସମ୍ପର୍କରେ ବହଳଦା ଅବକାରୀ ଥାନାରେ ପୃଥକ ମାମଲା ରୁଜୁ ହୋଇଥିବାବେଳେ ସମସ୍ତ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଜାତୀୟ କରାଟେରେ କରଞ୍ଜିଆର ଦୁଇ ଖେଳାଳିଙ୍କ ସଫଳତା

କରଞ୍ଜିଆ, ୯।୬(ସମିସ): ଉତ୍ତରାଖଣ୍ଡ କରାଟେ ଆସୋସିଏସନ ପକ୍ଷରୁ ଗତ ୪ରୁ ୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ କରାଟେ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆସ୍ଥ ସ୍ପୋର୍ଟ୍ସ କରାଟେ ଏକାଡେମୀର ଦୁଇଜଣ ପ୍ରତିଭାଶାଳୀ ଖେଳାଳି ଉଲ୍ଲେଖନୀୟ ସଫଳତା ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ପ୍ରତିଯୋଗିତାର କାଟା ବିଭାଗରେ ନୀତିକ ମହାନ୍ତ ଚମତ୍କାର ପ୍ରଦର୍ଶନ କରି ରୌପ୍ୟ ପଦକ ହାସଲ କରିଥିବାବେଳେ କୁମିତେ ବିଭାଗରେ ସମୀକ୍ଷ୍ୟା ପି. ମହାନ୍ତ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏହି ପ୍ରତିଯୋଗିତା ବିଶ୍ୱ କରାଟେ ଫେଡେରେସନ ସ୍ୱୀକୃତିପ୍ରାପ୍ତ ହୋଇଥିବାରୁ ଏହାର ଗୁରୁତ୍ୱ ଅଧିକ ରହିଛି। ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ପ୍ରତିଯୋଗୀଙ୍କ ମଧ୍ୟରେ ନିଜ ଦକ୍ଷତାର ପ୍ରମାଣ ଦେଇ କରଞ୍ଜିଆର ଏହି ଦୁଇ ଖେଳାଳି ସଫଳତା




ହାସଲ କରିଛନ୍ତି। ସେମାନଙ୍କ ଏହି କୃତିତ୍ୱ ପାଇଁ ସ୍ପୋର୍ଟ୍ସ କରାଟେ ଏକାଡେମୀର ପ୍ରଶିକ୍ଷକ, ଅଭିଭାବକ ଓ କ୍ରୀଡ଼ାପ୍ରେମୀ ଖୁସିବ୍ୟକ୍ତ କରିଛନ୍ତି। ଏହି ସଫଳତା ମୟୂରଭଞ୍ଜ ଜିଲ୍ଲାର ଅନ୍ୟ ଯୁବ କ୍ରୀଡ଼ାବିତଙ୍କୁ ମଧ୍ୟ ପ୍ରେରଣା ଯୋଗାଇବ ବୋଲି ମତ ପ୍ରକାଶ ପାଇଛି। କରଞ୍ଜିଆ ଓ ମୟୂରଭଞ୍ଜ ପାଇଁ ଏହା ଏକ ଗର୍ବର ବିଷୟ ହୋଇଥିବାବେଳେ ଆଗାମୀ ଦିନରେ ଏହି ଦୁଇ ଖେଳାଳି ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଆହୁରି ସଫଳତା ହାସଲ କରିବେ ବୋଲି ଆଶା କରାଯାଉଛି।

## ଶିକ୍ଷୟିତ୍ରୀ ସବୁଜ ମହାନ୍ତଙ୍କ ପରଲୋକ

ବେତନଟୀ, ୯।୬(ସମିସ):ମୟୂରଭଞ୍ଜ ଜିଲ୍ଲାର ଜଣେ ବରିଷ୍ଠ ଶିକ୍ଷୟିତ୍ରୀ ତଥା ସମାଜସେବୀ ସବୁଜ ମହାନ୍ତଙ୍କ ସୋମବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ଶିକ୍ଷକ ସମାଜ, ବୁଦ୍ଧିଜୀବୀ ମହଲ ଓ



ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତା ମହାନ୍ତ ଶିକ୍ଷକତା ଜୀବନ ବେତନଟୀ ପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ କରିଥିଲେ। ପରେ ସେ ପୁରୁଣାପାଣି ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଥିବାବେଳେ ପାରିବାରିକ କାରଣରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିଲେ। ଜଣେ ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠ ଶିକ୍ଷୟିତ୍ରୀ ଭାବେ ସେ ଅଞ୍ଚଳରେ ପରିଚିତ ଥିଲେ। ଶିକ୍ଷା ପ୍ରତି ତାଙ୍କ ନିଷ୍ଠା, ଛାତ୍ରଛାତ୍ରୀଙ୍କ ପ୍ରତି ସ୍ନେହ ଓ ସାମାଜିକ ସେବା ମନୋଭାବ ପାଇଁ ସେ ସମସ୍ତଙ୍କ ଶ୍ରଦ୍ଧାଭାଜନ ହୋଇପାରିଥିଲେ। ସ୍ୱର୍ଗତ ସବୁଜ ମହାନ୍ତ ସ୍ୱର୍ଗତ ରମାକାନ୍ତ ମହାନ୍ତଙ୍କ ଧର୍ମପତ୍ନୀ ଥିଲେ। ସେ ମୟୂରଭଞ୍ଜର ବିଶିଷ୍ଟ ଆଇନଜୀବୀ, ପୂର୍ବତନ ଓମ୍ବୁଡସମ୍ୟାନ ତଥା ବାରିପଦା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଓ ବର୍ତ୍ତମାନ କୁଡୁମି ସମାଜର ଉପଦେଷ୍ଟା ଅବନୀ କୁମାର ମହାନ୍ତଙ୍କ ବଡ଼ ଭଉଣୀ ଥିଲେ। ବରିଷ୍ଠ ଆଇନଜୀବୀ ବସନ୍ତ ମହାନ୍ତ, କୁଡୁମୀ ମହାନ୍ତ ମହାସଭାର ସାଧାରଣ ସମ୍ପାଦକ ଗୋପବନ୍ଧୁ ମହାନ୍ତ ଓ ସଭାପତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ କରାଯାଇଛି।

## ପୁଣି ଘର ଭାଙ୍ଗିଲା ହାତୀ, ଘର ଛାଡ଼ିଲେ ପରିବାର



ରାସଗୋବିନ୍ଦପୁର, ୯।୬(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ତଥା ରେଞ୍ଜ ଅଞ୍ଚଳକୁ ଝାଡ଼ଖଣ୍ଡରୁ ଆସିଥିବା ହାତୀପଲ ପୁଣିଥରେ ଉପଦ୍ରବ ଆରମ୍ଭ କରିଛନ୍ତି। ୫୫ ଟିକିଆ ହାତୀପଲ ଅଞ୍ଚଳର ବିଭିନ୍ନ ଗ୍ରାମରେ ଘର ଭାଙ୍ଗିବା ସହ ଚାଷଜମି ନଷ୍ଟ କରୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଝାଡ଼ଖଣ୍ଡରୁ ହାତୀପଲ ମୟୂରଭଞ୍ଜ ଅଞ୍ଚଳକୁ ପ୍ରବେଶ କରି ଘର ଓ ଫସଲ କ୍ଷତି କରୁଥିବା ଘଟଣା ପୂର୍ବରୁ ମଧ୍ୟ ଦେଖାଯାଇଛି। ଗତକାଲି ବିଳମ୍ବିତ ରାତିରେ ରଙ୍ଗାମାଟିଆ ଗ୍ରାମର ରାମ ମୁର୍ମୁଙ୍କ ଘରକୁ ହାତୀ ଭାଙ୍ଗି ଦେଇଥିବାବେଳେ ଜୀବନ ଭୟରେ ପରିବାର ଲୋକେ ଘର ଛାଡ଼ି ଅନ୍ୟତ୍ର ଆଶ୍ରୟ ନେଇଥିଲେ। ପୂର୍ବରୁ ମଧ୍ୟ ରାମ ମୁର୍ମୁଙ୍କ ଘରକୁ ଦୁଇଥର ହାତୀ ଭାଙ୍ଗିଥିଲେ ମଧ୍ୟ ସେ ଏପର୍ଯ୍ୟନ୍ତ ଆବାସ ଯୋଜନାରେ ଘର ପାଇ ନ ଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ହାତୀପଲ ରାସଗୋବିନ୍ଦପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଫସଲ ନଷ୍ଟ କରିଥିବା ସୂଚନା ମିଳିଛି। ଫଳରେ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ତେବେ ହାତୀପଲର ଗତିବିଧି ଉପରେ ବନ ବିଭାଗ କଡ଼ା ନଜର ରଖିଥିବା ରେଞ୍ଜର ଘନଶ୍ୟାମ ସିଂ ସୂଚନା ଦେଇଛନ୍ତି। ବନ ବିଭାଗ ପକ୍ଷରୁ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

## ଦରଦାମ ବୃଦ୍ଧି ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ




ରାଇରଙ୍ଗପୁର, ୯।୬(ସମିସ): ଅହେତୁକ ଦରଦାମ ବୃଦ୍ଧି ନେଇ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲା ସଭାପତି ଭୁବନ ବିହାରୀ ସାହୁଙ୍କ ନେତୃତ୍ୱରେ ରାଇରଙ୍ଗପୁର ଅଞ୍ଚଳର ବିଭିନ୍ନ ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ବିକ୍ଷୋଭ ପ୍ରଦର୍ଶନରେ ମୁଖ୍ୟ ବିଷୟ ଥିଲା ଭାରତ ବର୍ଷରେ ଗରିବ ରେଖା ତଳେ ବସବାସ କରୁଥିବା ସାଧାରଣ ଲୋକଙ୍କୁ ଦରଦାମ ବୃଦ୍ଧି ଅସ୍ତବ୍ୟସ୍ତ କରିଛି। ଗ୍ୟାସ, ପେଟ୍ରୋଲ, ଡିଜେଲ ଦରଦାମ ବୃଦ୍ଧି ଯୋଗୁଁ ଲୋକେ କଷ୍ଟ ଅନୁଭବ କରୁଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, କଂଗ୍ରେସ କେନ୍ଦ୍ର ସଭ୍ୟା ଜବାବଣୀ ଟୁଡୁ, ନେତା ବସନ୍ତ ପଟ୍ଟନାୟକ, ଯୁବନେତା ରୂପକ ମହାନ୍ତି, ପୂର୍ବତନ ଅଧ୍ୟକ୍ଷ ବେରେଲ ସିର୍କା, ନେତା ବାବୁଲା ଅମର ଦେଓ ପ୍ରଧାନ, ନେତ୍ରୀ ହେଲେନା ବାଗେ, ନେତା ମାନସିଂ ସୋରେନ, ନେତା ଧିରଜ ସୋରେନ, ନେତ୍ରୀ ସୁଲୋଚନା ଷଡଙ୍ଗୀ, ନେତା ଫିଠା ମୁର୍ମୁ, ଓଷାରାଣୀ ଦେଓ, ମାଳଦା ମାରାଣ୍ଡି, ମାଇନୋ ସୋରେନ, ମୀନା ପାତ୍ର, ନିରାଲୀ ବିନ୍ଧାଣୀ, ଯଶୋଦା କିସ୍କୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିର୍ସାମୁଣ୍ଡାଙ୍କ ତିରୋଧାନ ଦିବସ



ବାରିପଦା, ୯।୬(ସମିସ): ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ଅସ୍ତିଆ ଛକଠାରେ ଥିବା ସହିଦ ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ତାଙ୍କର ପବିତ୍ର ତିରୋଧାନ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଯୁବ ନେତା ମାନସ ବେହେରା ଓ ସୋମନାଥ ବେହେରାଙ୍କ ନେତୃତ୍ୱରେ ଏସଡିସିର ଉପାଧ୍ୟକ୍ଷା କୌଶଲ୍ୟା ନାୟକ, ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାପତି ସୁଜାତା ଷଡ଼ଙ୍ଗୀ, ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ସୁକୁଲ ମୁର୍ମୁ, ବରିଷ୍ଠ ନେତା କାଳୀଚରଣ ନାୟକ, ଫାଗୁ ହାଁସଦା, ବିଜୟ ଦାସ, ଦେବେନ୍ଦ୍ର ନାଥ ସିଂ, ବୈଦନାଥ ମହାନ୍ତ, ବାରିପଦା ନଗର ମଣ୍ଡଳ ସଭାପତି ସୁବ୍ରତ ମୁଖି, ସୌମ୍ୟରଞ୍ଜନ ସାହୁ, ରତିକାନ୍ତ ଦାସ, ବିକାଶ ବାରିକ, ସନୋଜ ବେହେରା ପ୍ରମୁଖଙ୍କ ସହ ବହୁ ଯୁବ କାର୍ଯ୍ୟକର୍ତ୍ତା ଉପସ୍ଥିତି ରହି ତାଙ୍କ ଜୀବନ ଉପରେ ଆଲୋଚନା କରାଯିବା ସହିତ ବିର୍ସାମୁଣ୍ଡା ଅମର ରହେ ନାରରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଭଗବାନ ମୁଣ୍ଡାଙ୍କ ଅମର ଆତ୍ମାର ସଦଗତି କରାଯାଇଥିଲା।

## ହସ୍ପିଟାଲ ପରିସରରୁ ବାଇକ୍ ଚୋରି

ରାଇରଙ୍ଗପୁର, ୯।୬(ସମିସ): ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲ ପରିସରରୁ ବାଇକ୍ ଚୋରି ହୋଇଛି। ଏ ନେଇ ଜାମଦା ଥାନା ଅନ୍ତର୍ଗତ ମଧୁପୁର ଗ୍ରାମର ଭାଗବତ ପ୍ରସାଦ ମୁର୍ମୁ ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଭଉଣୀଙ୍କ ଦେହ ଖରାପ ଥିବାରୁ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ହସ୍ପିଟାଲ ପରିସରରେ ବାଇକ୍ ପାର୍କିଂ କରି ଯାଇଥିଲେ। ତେବେ ଫେରି ଦେଖିବା ବେଳକୁ ବାଇକ ନ ଥିଲା। ବହୁ ଖୋଜା ଖୋଜି କରି ନ ପାଇ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ପିଆର୍ଏମ୍ଏମ୍ସିଏଚ୍ ସମସ୍ୟା ସମାଧାନ ପାଇଁ ମାସା ଆର୍ମୀର ଦାବି

ବାରିପଦା, ୯।୬(ସମିସ): ଦୀର୍ଘଦିନର ଆନ୍ଦୋଳନ, ସଂଗ୍ରାମ ଓ ଜନଦାବି ପରେ ମୟୂରଭଞ୍ଜ ଜିଲ୍ଲାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାମରେ ପ୍ରତିଷ୍ଠା କରାଯାଇଥିଲା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ (ପିଆରଏମଏମସିଏଚ୍)। ବହୁଦିନ ଧରି ଏହି ମେଡିକାଲ କଲେଜର ନିଜସ୍ୱ ଭିତ୍ତିଭୂମି ନ ଥିବାରୁ ବାରିପଦାସ୍ଥ ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହଯୋଗ ମାଧ୍ୟମରେ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଥିଲା। କିନ୍ତୁ ଜିଲ୍ଲାବାସୀଙ୍କୁ ଉନ୍ନତ ଓ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ଦୃଷ୍ଟିରୁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲକୁ ବାରିପଦା ନିକଟସ୍ଥ ରଙ୍ଗାମାଟିଆଠାରେ ଥିବା ନିଜସ୍ୱ କ୍ୟାମ୍ପସକୁ ସ୍ଥାନାନ୍ତର କରାଯାଇ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ପାଇଁ ମାସାଆର୍ମୀ ସଂଗଠନ ସମେତ ଜିଲ୍ଲାର ବିଭିନ୍ନ ସାମାଜିକ ଓ ରାଜନୈତିକ ସଂଗଠନ ଦୀର୍ଘଦିନ ଧରି ଦାବି କରିଆସୁଥିଲେ। ଆଜି ରଙ୍ଗାମାଟିଆସ୍ଥ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲର ନିଜସ୍ୱ କ୍ୟାମ୍ପସରେ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଉଦ୍‌ଘାଟନ କରିଛନ୍ତି। ଏହା ମୟୂରଭଞ୍ଜବାସୀଙ୍କ ପାଇଁ ଏକ ଐତିହାସିକ ଓ ଗୌରବମୟ ମୁହୂର୍ତ୍ତ ବୋଲି ମାସାଆର୍ମୀ ସଂଗଠନ ପକ୍ଷରୁ କୁହାଯାଇଛି।

ଏ ଅବସରରେ ମାସାଆର୍ମୀର ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିବା ସହିତ କହିଛନ୍ତି, କେବଳ ଉଦ୍‌ଘାଟନ କରିଦେଲେ ହେବ ନାହିଁ, ବରଂ ମେଡିକାଲ କଲେଜ ଓ ହସ୍ପିଟାଲର ସମ୍ପୂର୍ଣ୍ଣ ଭିତ୍ତିଭୂମିର ବିକାଶ, ଆବଶ୍ୟକ ଡାକ୍ତର, ବିଶେଷଜ୍ଞ ଚିକିତ୍ସକ, ନର୍ସ, ଟେକ୍ନିସିଆନ, ଔଷଧ, ଆଧୁନିକ ଯନ୍ତ୍ରପାତି, ଆମ୍ବୁଲାନ୍ସ, ସିଟିସ୍କାନ, ଏମଆରଆଇ, ଅଲ୍ଟ୍ରାସାଉଣ୍ଡ, ଏକ୍ସରେ ମେସିନ ସହ ରୋଗୀ ସେବା ସମ୍ବନ୍ଧୀୟ ସମସ୍ତ ସୁବିଧା ଯଥାଶୀଘ୍ର ଉପଲବ୍ଧ କରାଯିବା ନିହାତି ଆବଶ୍ୟକ। ଯଦି ସମ୍ପୂର୍ଣ୍ଣ ଭିତ୍ତିଭୂମି ବିକାଶ କରାଯିବ ନାହିଁ, ତେବେ ଦୂରଦୂରାନ୍ତରୁ ଆସୁଥିବା ରୋଗୀ ଚିକିତ୍ସା ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବେ ଓ ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେବେ। ତେଣୁ ରାଜ୍ୟ ସରକାର ତୁରନ୍ତ ସମସ୍ତ ଖାଲି ପଦବୀ ପୂରଣ କରିବା ସହିତ ଆବଶ୍ୟକ ସମସ୍ତ ଭିତ୍ତିଭୂମିର ବିକାଶ କରିବାକୁ ମାସାଆର୍ମୀ ସଂଗଠନ ପକ୍ଷରୁ ଦାବି କରାଯାଇଛି।

## କୁଳିଅଣା ଲ୍ୟାମ୍ପ୍ସର ବାର୍ଷିକ ସାଧାରଣ ବୈଠକ



କୁଳିଅଣା, ୯।୬ (ସମିସ): କୁଳିଅଣା ଲ୍ୟାମ୍ପ୍ସର ବାର୍ଷିକ ସାଧାରଣ ବୈଠକ କୁଳିଅଣା ବ୍ଲକ ଅନ୍ତର୍ଗତ ସୌରୀଠାରେ ଅନୁଷ୍ଠିତ ହୋଇଯାଇଛି। କୁଳିଅଣା ଲ୍ୟାମ୍ପସର ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ବରିଷ୍ଠ ସମବାୟବିତ ସୁଧାଂଶୁ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିଥିବାବେଳେ ବାରିପଦା ସହକାରୀ ଉପନିବନ୍ଧକ ବିଷ୍ଣୁପ୍ରିୟା ସିଂ, କୁଳିଅଣା ଲ୍ୟାମ୍ପସ ସଭାପତି ଶରତ ଚନ୍ଦ୍ର ନାଏକ, ଉପସଭାପତି ଅମ୍ବିକା ନାଏକ, ପରିଚାଳନା ପରିଷଦ ସଭ୍ୟ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଆଦିକନ୍ଦ ସାହୁ, ମଙ୍ଗଲୁ ନାଏକ, ଲଳିତା ନାଏକ, ବୈଲୁଚନ ନାଏକ, ଚାଷୀ ସୁରେନ୍ଦ୍ର ନାଏକ, ପରେଶ ନାଏକ, ମୋଦନ ନାଏକ, ଶୁଭକାନ୍ତ ସାହୁ ପ୍ରମୁଖଙ୍କ ସହ ବହୁ ପୁରୁଷ ଓ ମହିଳା ଚାଷୀ ଉପସ୍ଥିତ ଥିଲେ।

ଉକ୍ତ ବୈଠକରେ ୨୦୨୫-୨୬ ବର୍ଷର ବିବରଣୀ ପାଠ କରାଯାଇଥିଲା। ୧୯୭୭ରୁ ପଞ୍ଜିକୃତ ଏହି ଅଞ୍ଚଳର ଆଦିବାସୀ ଓ ହରିଜନ ଶ୍ରେଣୀର ଚାଷୀଙ୍କ ଆର୍ଥିକ ବିକାଶ ପାଇଁ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଆସୁଛି କୁଳିଅଣା ଲ୍ୟାମ୍ପ୍ସ। ସମିତି ପକ୍ଷରୁ ଚାଷୀଙ୍କୁ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯାଉଛି। ଏ ଅଞ୍ଚଳର ଲେମ୍ବୁ ଓ ପରିବା ଚାଷୀଙ୍କ ଅଭାବୀ ବିକ୍ରି ସମସ୍ୟାର ସମାଧାନ ପାଇଁ ଚଳିତ ବର୍ଷ ଶେଷ ସୁଦ୍ଧା ସମିତି ମାଧ୍ୟମରେ ଏକ ଶୀତଳଭଣ୍ଡାର ନିର୍ମାଣ କାର୍ଯ୍ୟକୁ ଅଗ୍ରାଧିକାର ଦିଆଯାଇଛି। ଶେଷରେ ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକକୁ ଲ୍ୟାମ୍ପସ କର୍ମଚାରୀ ଶାନ୍ତନୁ କୁମାର ଦେ, ସୁନୀଲ ମହାପାତ୍ର, ଚନ୍ଦ୍ରଶେଖର ବେହେରା ଓ ମନରଞ୍ଜନ ଖମାରି ପରିଚାଳନା କରିଥିଲେ।

## ଯୁବକଙ୍କ ଆକସ୍ମିକ ମୃତ୍ୟୁ

କୁଆମରା, ୯।୬(ସମିସ): ଖୁଣ୍ଟା ଥାନା ମାହାଲି ବସା ଗ୍ରାମର ଜଣେ ଯୁବକଙ୍କ ଆକସ୍ମିକ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି କାଳିଆ ସିଂ (୪୩)। କାଳିଆ ଗତକାଲି ରାତିରେ ଖାଇ ଶୋଇଥିବାବେଳେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ବାରିପଦା ପିଏମ୍ଆର ମେଡିକାଲ କଲେଜକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି।

**ଅଲଚିକି ଲିପି ପ୍ରତି ବଢୁଛି ଆଗ୍ରହ**

# ପରୀକ୍ଷା ସଫଳତାର ସହ ଶେଷ, ୧୯୧ ପରୀକ୍ଷାର୍ଥୀଙ୍କ ଅଂଶଗ୍ରହଣ

କରଞ୍ଜିଆ, ୯।୬(ସମିସ): ସାନ୍ତାଳୀ ଜାତିର ନିଜସ୍ୱ ଲିପି ଅଲଚିକିର ସଂରକ୍ଷଣ, ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଆୟୋଜିତ ତିନିଦିନିଆ ଅଲଚିକି ପରୀକ୍ଷା ସଫଳତାର ସହିତ ଶେଷ ହୋଇଛି। ସାନ୍ତାଳୀ ଭାଷା ଓ ସଂସ୍କୃତିର ବିକାଶ ପାଇଁ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିବା ଆଦିବାସୀ ଶିକ୍ଷା ଓ ସଂସ୍କୃତି ଅନୁଷ୍ଠାନ ରାଇରଙ୍ଗପୁର ପକ୍ଷରୁ ଏହି ପରୀକ୍ଷାର ଆୟୋଜନ କରାଯାଇଥିଲା। ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ କେନ୍ଦୁଜିଆଣୀ ପଞ୍ଚାୟତର ଲକ୍ଷ୍ମୀନାରାୟଣ ନୂତନ ଉଚ୍ଚ ବିଦ୍ୟାଳୟକୁ ପରୀକ୍ଷା କେନ୍ଦ୍ର ଭାବେ ଚୟନ କରାଯାଇଥିଲା। ତିନିଦିନ ଧରି ଅନୁଶାସନପୂର୍ଣ୍ଣ ପରିବେଶ ମଧ୍ୟରେ ପରୀକ୍ଷା ପରିଚାଳିତ ହୋଇଥିବାବେଳେ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଉତ୍ସାହ ଓ ଆଗ୍ରହ ଦେଖିବାକୁ ମିଳିଥିଲା। ସାନ୍ତାଳୀ ଭାଷା ଓ ଅଲଚିକି ଲିପି ପ୍ରତି ଲୋକଙ୍କ ବଢୁଥିବା ଆଗ୍ରହର ଏକ ଜ୍ୱଳନ୍ତ ଉଦାହରଣ ସ୍ୱରୂପ ଏହି ପରୀକ୍ଷାରେ ପ୍ରାଥମିକ, ଉଚ୍ଚପ୍ରାଥମିକ, ମାଧ୍ୟମିକ, ଉଚ୍ଚମାଧ୍ୟମିକ ଓ ସ୍ନାତକ ସ୍ତରର ୧୯୧ ଜଣ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ସହିତ ବିଭିନ୍ନ ବୟସ ବର୍ଗର ବ୍ୟକ୍ତି ମଧ୍ୟ ପରୀକ୍ଷାରେ ସାମିଲ ହୋଇଥିବାରୁ ଅଲଚିକି ଲିପି ପ୍ରତି ସମାଜରେ ସଚେତନତା ଓ ଆଗ୍ରହ ବୃଦ୍ଧି ପାଉଥିବା ସ୍ପଷ୍ଟ ହୋଇଛି। ପରୀକ୍ଷା ପରିଚାଳନା କରିବାରେ ବିଦ୍ୟାଳୟର



ପ୍ରଧାନଶିକ୍ଷକ ବିଶ୍ୱନାଥ ଟୁଡୁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

ସେହିପରି କେନ୍ଦ୍ର ପର୍ଯ୍ୟବେକ୍ଷକ ଭାବେ ଉଦୟନାଥ ମୁର୍ମୁ ଓ ଉପପର୍ଯ୍ୟବେକ୍ଷକ ଭାବେ କରୁଣାକର ହେମ୍ବ୍ରମ ଦାୟିତ୍ୱ ତୁଲାଇଥିଲେ। ସେମାନଙ୍କ ନେତୃତ୍ୱ ଓ ସହଯୋଗ ଯୋଗୁଁ ପରୀକ୍ଷା ଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଥିବା ମତ ପ୍ରକାଶ ପାଇଛି। ଏହି ପରୀକ୍ଷାର ଏକ ବିଶେଷ ଆକର୍ଷଣ ଥିଲେ କେନ୍ଦୁଜିଆଣୀ ଗ୍ରାମର ପୂର୍ବତନ ସରପଞ୍ଚ ଦୁର୍ଗୀ ମାରାଣ୍ଡି। ୪୮ ବର୍ଷ ବୟସରେ ସେ ଅଲଚିକି ପରୀକ୍ଷାରେ ଅଂଶଗ୍ରହଣ କରି ସମାଜକୁ ଏକ ସକାରାତ୍ମକ ବାର୍ତ୍ତା ଦେଇଛନ୍ତି। ଶିକ୍ଷା ଗ୍ରହଣ ଓ ମାତୃଭାଷାର ସଂରକ୍ଷଣ ପାଇଁ ବୟସ କୌଣସି ବାଧା ନୁହେଁ ବୋଲି ସେ ପ୍ରମାଣିତ କରିଛନ୍ତି। ତାଙ୍କର ଏହି ଉଦ୍ୟମକୁ ଉପସ୍ଥିତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଓ ସମାଜର ବିଭିନ୍ନ ବର୍ଗର ଲୋକେ ପ୍ରଶଂସା କରିଥିଲେ। ତାଙ୍କ ଭଳି ବ୍ୟକ୍ତିଙ୍କ ଅଂଶଗ୍ରହଣ ଯୁବପିଢ଼ିଙ୍କ ପାଇଁ ପ୍ରେରଣାଦାୟକ ବୋଲି ମତ ପ୍ରକାଶ ପାଇଛି। ଅଲଚିକି ଲିପି କେବଳ ଏକ ଲିପି ନୁହେଁ, ବରଂ ସାନ୍ତାଳୀ ଭାଷା, ସଂସ୍କୃତି, ପରମ୍ପରା ଓ ଐତିହ୍ୟର ପରିଚୟ ବହନ କରୁଥିବା ଏକ ଅମୂଲ୍ୟ ସମ୍ପଦ। ବର୍ତ୍ତମାନ ସମୟରେ ମାତୃଭାଷା ଓ ନିଜସ୍ୱ ସଂସ୍କୃତିର ସୁରକ୍ଷା ଏକ ବଡ଼ ଆହ୍ୱାନ ହୋଇଥିବାବେଳେ ଏଭଳି ପରୀକ୍ଷା ଓ ଶିକ୍ଷାମୂଳକ କାର୍ଯ୍ୟକ୍ରମ ନୂତନ ପିଢ଼ିଙ୍କ ମଧ୍ୟରେ ନିଜ ଭାଷା ପ୍ରତି ଆତ୍ମଗୌରବ ଓ ଆଗ୍ରହ ସୃଷ୍ଟି କରୁଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ କହିଛନ୍ତି, ଅଲଚିକି ଲିପିର ପ୍ରଚାର ଓ ପ୍ରସାର ପାଇଁ ଏଭଳି ପ୍ରୟାସ ଆଗାମୀ ଦିନରେ ମଧ୍ୟ ଜାରି ରହିବା ଆବଶ୍ୟକ। ଏହାଦ୍ୱାରା ସାନ୍ତାଳୀ ଭାଷାର ବିକାଶ ସହିତ ଆଦିବାସୀ ସମାଜର ସାଂସ୍କୃତିକ ପରିଚୟ ଅଧିକ ସୁଦୃଢ଼ ହେବ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି।

